ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
• ବର୍ଷ–୩୨ • ସଂଖ୍ୟା–୬୨ • ୩୧ ମାର୍ଚ୍ଚ ୨୦୨୫, ସୋମବାର • ଭୁବନେଶ୍ୱର • Vol -32 • Issue-62 • 31st March 2025, Monday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# କଳାହାଣ୍ଡିରେ ଅନ୍ତ୍ୟୋଦୟ ଗୃହ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୩**
**ନ୍ୟୁଜ୍ ବ୍ୟୁରୋ**

୭୦ ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ ସମସ୍ୟା ହୋଇ ରହିଛି। ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ। ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତଙ୍କୁ ପକ୍କା ଘର ମିଳିବ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠାରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ଦିଆଯିବ । ରବିବାର କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ହିନ୍ଦୁ ନବ ବର୍ଷର ଶୁଭେଚ୍ଛା ଜଣାଇ କହିଥିଲେ ଯେ, ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୮ ମସିହାରେ ସମସ୍ତଙ୍କୁ ପକ୍କା ଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ । ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି । ଏହାକୁ ଆହୁରି ଜୋରଦାର କରାଯାଇ ଓଡ଼ିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା । ଏହା ଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇ ପାରିବ ।




ରବିବାର ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି । ଚଳିତ ବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ ବର୍ଷରେ ଏଥିପାଇଁ ୭,୫୫୦ କୋଟି ଟଙ୍କା ବିନିଯୋଗ କରାଯିବ । ସୂଚନାଯୋଗ୍ୟ ଯେ, ବିଜୁ ପକ୍କା ଘର ଯୋଜନାରେ ୧୦ ବର୍ଷରେ ବହୁତ କମ ଘର ନିର୍ମାଣ ହୋଇଛି।

ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ *(ପୃଷ୍ଠା ୭ରେ)*

# କାମାକ୍ଷା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ଜଣେ ଯାତ୍ରୀ ମୃତ, ୭ ଆହତ

**ଚୌଦ୍ୱାର, ୩୦।୩**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥର କଟକ ଷ୍ଟେସନର ଅନତି ଦୂରରେ ଚୌଦ୍ୱାର ନିକଟବର୍ତ୍ତୀ ମଙ୍ଗୁଳି–ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ଏସ୍‌ଏନ୍‌ଭିଟି (ବେଙ୍ଗାଲୁରୁ)–କାମାକ୍ଷା ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ ରବିବାର ଲାଇନଚ୍ୟୁତ ହୋଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଟ୍ରେନର ବହୁ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି । ରବିବାର ଦିନ ପ୍ରାୟ ୧୧ଟା ୪୫ମି ସମୟରେ ଟ୍ରେନ କଟକ ଷ୍ଟେସନରୁ ଯାତ୍ରା ଆରମ୍ଭ କରିଥିଲା । ଦିନ ୧୧ଟା ୫୪ମି ସମୟରେ ଟ୍ରେନଟି କେନ୍ଦ୍ରାପଡା ରୋଡ(ଜଗତପୁର)ଷ୍ଟେସନ ପାର ହେବା ପରେ ମଙ୍ଗୁଳି–ଚୌଦ୍ୱାର ପାସେଞ୍ଜର ହଲ୍ଟର କିଛି ପୂର୍ବରୁ ଟ୍ରେନର କିଛି ବଗି ପ୍ରଚଣ୍ଡ ଶବ୍ଦ କରି ରେଳ ଧାରଣାରୁ ଖସି ପଡିଥିଲା । ଟ୍ରେନ୍‌ର ଇଂଜିନ୍ ଓ ଏହାପାଖ ୭ଟି ବଗି ଟ୍ରାକ୍ ଉପରେ ଠିକ୍‌ଠାକ୍ ଥିବାବେଳେ ମଝିରୁ ଏସ୍–୭ ଠାରୁ *(ପୃଷ୍ଠା ୭ରେ)*



## ରେଳ ଦୁର୍ଘଟଣାରେ ପୀଡିତ ଯାତ୍ରୀଙ୍କୁ ନେଇ ଗୁଆହାଟୀ ଗଡ଼ିଲା ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର, ୩୦।୩**
**ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ମୁଙ୍ଗୁଳି ନିକଟ ନିର୍ଗୁଣ୍ଡିରେ ଦୁର୍ଘଟଣାର ଶିକାର ହୋଇଥିବା ଏକ୍ସପ୍ରେସ ଟ୍ରେନର ଯାତ୍ରୀମାନେ *(ପୃଷ୍ଠା ୭ରେ)*

## ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩୦।୩**
**ନ୍ୟୁଜ୍ ବ୍ୟୁରୋ**

କଟକର ନିର୍ଗୁଣ୍ଡି ଷ୍ଟେସନ ନିକଟରେ କାମାକ୍ଷା ଏକ୍ସପ୍ରେସ ଲାଇନଚ୍ୟୁତ ହେବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ରେଳ କର୍ତ୍ତୃପକ୍ଷ ଘଟଣାସ୍ଥଳରେ *(ପୃଷ୍ଠା ୭ରେ)*

## ୫୦ ମାଓବାଦୀଙ୍କ ଆତ୍ମସମର୍ପଣ, ବର୍ଷକ ପରେ ଇତିହାସ ପାଲଟିଯିବ ନକ୍ସଲବାଦ : ଶାହା

**ନୂଆଦିଲ୍ଲୀ, ୩୦।୩**

କେନ୍ଦ୍ର ସରକାର ନକ୍ସଲମାନଙ୍କ ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଇଛନ୍ତି । ଏନକାଉଣ୍ଟରରେ ଅନେକ ନକ୍ସଲ ନିହତ ହେବା ପରେ ସେମାନଙ୍କ ଦୁର୍ଗ ଭୁଶୁଡ଼ିବାରେ ଲାଗିଛି । ଯାହାଫଳରେ ବହୁ ନକ୍ସଲ ସଂଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଲାଗି ଆତ୍ମସମର୍ପଣ କରୁଛନ୍ତି । ଏହି କ୍ରମରେ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ରବିବାର ୫୦ରୁ ଅଧିକ ନକ୍ସଲ *(ପୃଷ୍ଠା ୭ରେ)*

# ଓଡ଼ିଶା ଦିବସ ଠାରୁ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳନ ହେବ ଓଡ଼ିଆ ପକ୍ଷ

**ଭୁବନେଶ୍ୱର, ୩୦।୩**
**ନ୍ୟୁଜ୍ ବ୍ୟୁରୋ**

ଆମ ରାଜ୍ୟ ଓଡ଼ିଶାର ଭାଷା, ସାହିତ୍ୟ, କଳା, ସଂସ୍କୃତି, ଇତିହାସ, ଐତିହ୍ୟ, ନୃତ୍ୟ, ସଂଗୀତ, ପରମ୍ପରା ଆଦି ହେଉଛି ସମୃଦ୍ଧ ଏବଂ ଏହାକୁ ନେଇ ଆମେ ଗର୍ବିତ । ଏହାର ସଂରକ୍ଷଣ କରିବା ସହ ବହୁଳ ପ୍ରଚାର ଓ ପ୍ରସାର ମାଧ୍ୟମରେ ଆମ କଳା, ସାହିତ୍ୟ ଓ ସଂସ୍କୃତି ଆଦିକୁ ବିଶ୍ୱ ବିଦିତ କରାଇବା ହେଉଛି ଆମର କର୍ତ୍ତବ୍ୟ। ଓଡ଼ିଆ ଅସ୍ମିତାର ବାର୍ତ୍ତା ବହନ କରୁଥିବା ଆମର ଏହି ସଂସ୍କୃତି ଓ ପରମ୍ପରାକୁ ମହାଆଡ଼ମ୍ବରର ସହକାରେ ପାଳନ କରିବା ପାଇଁ ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପ୍ରିଲ ମାସ ୧ ତାରିଖ ଓଡ଼ିଶା ଦିବସ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି । ଦୀର୍ଘ ୧୪ ଦିନ ଧରି ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ (ରାଜ୍ୟ ସ୍ତରୀୟ ଓ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ) ଆୟୋଜନ କରାଯିବା ପାଇଁ ସରକାରଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ଓଡ଼ିଆ ପକ୍ଷ ପାଳନ ନେଇ ସମସ୍ତ ବିଭାଗୀୟ ସଚିବ ଓ ଜିଲ୍ଲାପାଳଙ୍କ ସହ ବୈଠକ କରାଯାଇ ଓଡ଼ିଆ ପକ୍ଷକୁ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ବହୁ ଆଡ଼ମ୍ବର ସହକାରେ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି।

# ଆରଏସ୍ଏସ୍ ପ୍ରତିଷ୍ଠାତା ହେଡଗେୱାରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ପ୍ରଧାନମନ୍ତ୍ରୀ

**ନାଗପୁର, ୩୦।୩**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନାଗପୁର ଗସ୍ତରେ ଥିଲେ । ସେ ଆରଏସ୍ଏସ ମୁଖ୍ୟାଳୟରେ ପହଞ୍ଚିବା ପରେ ସ୍ମୃତି ମନ୍ଦିରରେ ସଂଘର ପ୍ରତିଷ୍ଠାତା ଡକ୍ଟର କେ ବି ହେଡଗେୱାରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ସମୟରେ ଆରଏସ୍ଏସ ମୁଖ୍ୟ ମୋହନ ଭାଗବତ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଥିଲେ। ତେବେ ହେଡଗେୱାରଙ୍କ ସହିତ ପ୍ରଧାନମନ୍ତ୍ରୀ ମୋଦି ମାଧବ ସଦାଶିବ ଗୋଲାଲକରଙ୍କୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦି ପ୍ରଥମ ଥର ପାଇଁ ଆରଏସ୍ଏସ *(ପୃଷ୍ଠା ୭ରେ)*






## ପବିତ୍ର ଇଦ୍–ଉଲ୍–ଫିତର –୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍–ଉଲ୍–ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି–ମୈତ୍ରୀ–ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

DSPL-439



## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଇଦ୍ ମୁବାରକ !

ପବିତ୍ର ଇଦ୍–ଉଲ୍–ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0465/2425





# ଆଦିତ୍ୟ ଆଲୁମିନା ରିଫାଇନାରୀ ତରଫରୁ 'ଜ୍ଞାନବୃଦ୍ଧି ପାଠଶାଳା' ଶୁଭାରମ୍ଭ



**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ଅଲୁମିନା ରିଫାଇନରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ୍, ଆଦିତ୍ୟ ବିର୍ଲା ଗ୍ରୁପର ଏକ ସହଯୋଗୀ କମ୍ପାନୀ, ଏହାର ପରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଶୈଶବକୁ ସଶକ୍ତ ସକାଶେ ଆଦିତ୍ୟ ରିଫାଇନାରୀର ନିଆରା ଉଦ୍ୟମ ଆରମ୍ଭ କରିଅଛି। ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ଶୁଭାରମ୍ଭ ହୋଇଛି ୧୦ 'ଜ୍ଞାନବୃଦ୍ଧି ପାଠଶାଳା' । ଗତ ୨୭ ରିଖରେ ସ୍ଥାନୀୟ କଡ଼ାପଦର ଗ୍ରାମରେ 'ଜ୍ଞାନବୃଦ୍ଧି ପାଠଶାଳା' ଆନୁଷ୍ଠାନିକ ଭାବେ ଉଦଘାଟନ ହୋଇଯାଇଛି। ଏହି କେନ୍ଦ୍ର କୁନିକୁନି ଶିକ୍ଷାର୍ଥୀଙ୍କୁ କୋଚିଂ ମାଧ୍ୟମରେ ଅଞ୍ଚଳର ଶୈଶବଙ୍କୁ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଅଛି। ଏହି କେନ୍ଦ୍ର ଗୁଡ଼ିକ ଶିକ୍ଷା ପ୍ରତି ଗୁରୁତ୍ୱ ଦେବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକତା ମୂଲ୍ୟବୋଧ ଏବଂ ସାମଗ୍ରୀକ ବିକାଶ ଦିଗ ଉପରେ ମଧ ଗୁରୁତ୍ୱ ଦେବ। କମ୍ପାନୀ ତରଫରୁ ପ୍ରଥମ ପର୍ଯ୍ୟାୟରେ, ୧୦ଟି କେନ୍ଦ୍ର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ କୋଚିଂ ପ୍ରଦାନ କରିବ । ଏବଂ ଆଗାମୀ ଭବିଷ୍ୟତରେ ଏହାକୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରାଯାଇଅଛି। ଏହି କେନ୍ଦ୍ର ଉଦଘାଟନ ଅବସରରେ ଶ୍ରୀଯୁକ୍ତ ମଜହର ବେଗ କାରଖାନା ମୁଖ୍ୟ ତଥା ଅଧକ୍ଷ, ଡ଼. କୃଷ୍ଣ ପଡ଼ି କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ, କୌଶିକୀଶରଣ ମିଶ୍ର ଉପାଧ୍ୟକ୍ଷ, ବସୁଦେବ ଖୁଣ୍ଟିଆ ବ୍ୟାବସାୟିକ ଓ ଆର୍ଥିକ ବିଭାଗ ମୁଖ୍ୟ, ଦୀପକ ମହାନ୍ତି ମାନବ ସମ୍ବଳ ମୁଖ୍ୟ, ଶିବ ମହାପାତ୍ର କ୍ଲଷ୍ଟର ସିଏସଆର ମୁଖ୍ୟ, ଏବଂ ତନ୍ମୟ ମହାନ୍ତି ସିଏସଆର ମୁଖ୍ୟ ପ୍ରମୁଖ ଯୋଗଦେଇ ଥିଲେ। ଆଦିତ୍ୟ ରିଫାଇନାରୀ ତରଫରୁ ଏଭଳି ଉଦ୍ୟମ ଅଞ୍ଚଳର ଶିଶୁ ପ୍ରତିଭାମାନଙ୍କୁ ନୂତନ ପ୍ରୋତ୍ସାହନ ଦେବ। ଏଥିସହ ଉକ୍ତ ଛାତ୍ରଛାତ୍ରୀଙ୍କ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଆମର ପ୍ରତିବଦ୍ଧତାକୁ ଏହି ଅଭିଯାନ ଦର୍ଶାଉଛି ବୋଲି କାରଖାନା ମୁଖ୍ୟ ମଜହର ବେଗ ସୂଚନା ଦେଇଛନ୍ତି।

## ଓଡ଼ିଶା ରାଜ୍ୟ ପାନୀୟ ନିଗମ ପକ୍ଷରୁ

# ରାଜ୍ୟ ସରକାରଙ୍କୁ ୨୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ରାଜ୍ୟ ପାନୀୟ ନିଗମ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ପ୍ରଦାନ ଏବଂ ରାଜ୍ୟ ସରକାରଙ୍କୁ ଏବଂ ୧୨ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ନିଗମର ଅଧକ୍ଷା ତଥା ଅବକାରୀ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଏହି ଅନ୍ତରୀଣ ଲାଭାଂଶ ରାଶି ଏବଂ ଅନୁଦାନ ଚେକ୍ ଆକାରରେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି । ଏହି ଅବସରରେ ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅମ୍ବର କୁମାର କର ଏବଂ ମୁଖ୍ୟ ପରିଚାଳକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି, ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ପାନୀୟ ନିଗମ ତରଫରୁ ଅବକାରୀ କର ବାବଦରେ ୬,୬୨୨.୧୬ କୋଟି ଟଙ୍କା ଏବଂ ମୂଲ୍ୟଯୁକ୍ତ କର(ଭାଟ୍) ବାବଦରେ ୩,୨୩୪.୨୧ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପାନୀୟ ନିଗମ ତରଫରୁ ଲାଭାଂଶ ବାବଦରେ ୧୪.୪୬ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିବା ବେଳେ ଆଜି ଦିଆଯାଇଥିବା ୨୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶକୁ ମିଶାଇ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଆଜି ସୁଦ୍ଧା ମୋଟ ୩୯.୪୬ କୋଟି ଟଙ୍କା ଲାଭାଂଶ ବାବଦକୁ ପ୍ରଦାନ କରାଯାଇଛି ।

# ଶ୍ରୀଜଗନ୍ନାଥଙ୍କ ରଥ କାଠ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ସନ୍ଥପଡା ଓ ଗୋବିନ୍ଦପୁର ସ୍ଥିତ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ରଥ ନିର୍ମାଣରେ କାଠର ଆବଶ୍ୟକ ଥିବାରୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ରଥ ନିର୍ମାଣ ପାଇଁ ୮୦ କେବି ଶାଳ କିମ୍ବା ପିଆଶାଳ କାଠ ଦେବାକୁ ନିବେଦନ କରିଛନ୍ତି । ଏହି ଅଞ୍ଚଳରେ ପ୍ରସିଦ୍ଧ ଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ରାଜନଗର ଅଂଚଳରେ ପ୍ରତିବର୍ଷ ବାହାରି ଥାଏ । ଚଳିତ ବର୍ଷ ରଥର ନିର୍ମାଣ ପାଇଁ କାଠର ନିହାତି ଆବଶ୍ୟକ ଥିବାରୁ କାଠ ଯୋଗାଡ କରିବା ଗ୍ରାମବାସୀ ଙ୍କ ପକ୍ଷରେ ସମ୍ଭବ ନହେବାରୁ ଜିଲ୍ଲାପାଳଙ୍କର ସହାୟତା ଲୋଡିଛନ୍ତି । ତେବେ ଜିଲ୍ଲପାଳ ସ୍ମୃତି ରନ ପ୍ରଧାନ କାଠର ବ୍ୟବସ୍ଥା କରିବା ପାଇଁ ପ୍ରତିଶୃତି ଦେଇଛନ୍ତି । ଆଜିର ଏହି ସାକ୍ଷାତ ସମୟରେ ସନ୍ଥପଡା, ଗୋବିନ୍ଦପୁର, ବନ୍ଧପଡା, ରାଜନଗର ଅଂଚଳର ରମାକାନ୍ତ ମହନ୍ତ, ଅନ ପାତ୍ର, ଫକିର ଚନ୍ଦ୍ର ପାତ୍ର, କ୍ଷିରୋଦ କୁମାର ପାତ୍ର, ବିଶ୍ୱ ରନ ସ୍ୱାଇଁ, ଦିଗାମ୍ବର ରାଉତ, ଜ୍ୟୋତି ରନ ପାତ୍ର, ସମୀର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ ।



# କଳିଙ୍ଗ ଛକରେ ଗଳାପୋଲ ପାଇଁ ସ୍ଥିତି ଅନୁଧ୍ୟାନ କଲେ ସାଂସଦ

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ସହରର ମୁଖ୍ୟ ବ୍ୟବସାୟ ସ୍ଥଳ ତଥା ଚାରବାଟିଆ ରାସ୍ତାର ସଂଯୋଗସ୍ଥଳ ବ୍ୟସ୍ତବହୁଳ କଳିଙ୍ଗ ଛକରେ ୫୫ନମ୍ବର ଜାତୀୟ ରାଜପଥରେ ଏକ ଗଳାପୋଲ ନିର୍ମାଣ ପାଇଁ ସ୍ଥିତି ଅନୁଧ୍ୟାନ କରିଛନ୍ତି କଟକ ସାଂସଦ ଭର୍ତ୍ତୃହରି ମହତାବ । କଳିଙ୍ଗ ଛକସ୍ଥିତ ଉକ୍ତ ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଲୋକ ଓ ଗାଡ଼ି ମଟର ଯାତାୟତ କରୁଥିବାରୁ ଏହି ସ୍ଥାନରେ ଏକ ଛୋଟ ଗଳାପୋଲ ନିର୍ମଣ ପାଇଁ କଳିଙ୍ଗ ବଜାର ବ୍ୟବସାୟୀ ସଂଘ ଏବଂ ଜନ ସାଧାରଣଙ୍କ ବାରମ୍ବାର ଅନୁରୋଧ ଓ ଦାବିକୁ ରକ୍ଷା କରି କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ କଳିଙ୍ଗ ଛକ ପରିଦର୍ଶନ କରି ଗଳାପୋଲ ନିର୍ମାଣର ସ୍ଥିତି ଅନୁଧ୍ୟାନ କରିଥିଲେ । ବିଜେପି ନେତା ନୟନ କିଶୋର ମହାନ୍ତି, ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଏନଏଚଆଇର ପ୍ରକଳ୍ପ ନିର୍ଦ୍ଦେଶକ ବି.କେ.ଚୌଧୁରୀ, ରିଜିଓନାଲ ଅଫିସର



ବିରେନ୍ଦ୍ର ସିଂ ପ୍ରମୁଖ ମଧ ସାଂସଦଙ୍କ ସହିତ ଉପସ୍ଥିତ ରହି କ୍ଷେତ୍ରପରିଦର୍ଶନ କରିଥିଲେ । ଏଦିଗରେ ଆସନ୍ତା ୧୫ଦିନ ଭିତରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାଂସଦ ଶ୍ରୀ ମହତାବ ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟଯେ ବ୍ୟସ୍ତବହୁଳ କଳିଙ୍ଗ ଛକକୁ ସଂଯୋଗ କରୁଥିବା ରାରବାଟିଆ ରାସ୍ତାରେ ଇଏସ୍ଆଇ ମେଡିକାଲ, ଚୌଦ୍ୱାର ସର୍କଲ ଜେଲ, ଇମ୍ଫା କଳକାରଖାନା, ଏଆରସି ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଓ ଚାରବାଟିଆ ବଜାର ରହିଥିବାବେଳେ ୬ଟି ପଞ୍ଚାୟତର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ଉକ୍ତ ଛକ ଦେଇ ଯାତାୟତ କରିଥାନ୍ତି । ଅନ୍ୟପଟେ ଜାତୀୟ ରାଜପଥର ଭୁଲ ସର୍ବେକ୍ଷଣ ପାଇଁ ଗଳାପୋଲ ସଠିକ ଜାଗାରେ ହୋଇନଥିବା ହେତୁ କଳିଙ୍ଗ ଛକରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀ ଓ ସାଧାରଣ ଲୋକେ ପ୍ରାୟ ଏକ କିଲୋମିଟର ରାସ୍ତା ଅଯଥାରେ ବୁଲିକରି ଯିବା ସହିତ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ କଳିଙ୍ଗ ଛକରେ ଅନ୍ୟ ଏକ ଗଳାପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି । ସାଂସଦଙ୍କ ରାସ୍ତା ପରିଦର୍ଶନ ସମୟରେ ଚୌଦ୍ୱାର କଲେଜର ଅଧକ୍ଷ ରଶ୍ମୀ ରାଉତରାୟ, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, କଲେଜର ଅଧାପକ ଅଧାପିକା ମାନେ ସାଂସଦଙ୍କୁ ଭେଟି କଲେଜ ସମ୍ମୁଖରେ ଏକ ଫୁଟ ଓଭର ବ୍ରିଜ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ସାଂସଦ ତୁରନ୍ତ କଲେଜ ସମ୍ମୁଖକୁ ଆସି କ୍ଷେତ୍ର ପରିଦର୍ଶନ କରି ଛାତ୍ର ଛାତ୍ରୀମାନଙ୍କ ପାଇଁ କଲେଜ ସମ୍ମୁଖରେ ଫୁଟ ଓଭର ବ୍ରିଜର ନିତ୍ୟାନ୍ତ ଆବଶ୍ୟକତା ଥିବା ଅନୁଭବ କରି ନିର୍ମାଣ ପାଇଁ ଜାଗା ନିରୂପଣ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ବଜାର ସଭାପତି ପ୍ରଶାନ୍ତ କୁମାର ସାହୁ, ରମେଶ ନାୟକ, ମାନସ କୁମାର ସାହୁ, ବିମଳ କୁମାର ବେଉରା, ସ୍ମୃତି ରଞ୍ଜନ ମହାପାତ୍ର, ସଞ୍ଜୟ ରାୟ, ପ୍ରଭାକର ସ୍ୱାଇଁ, ସୋରେନ ବେହେରାଙ୍କ ସମେତ ବଜାର କମିଟିର ସମସ୍ତ ସଦସ୍ୟ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ବାର୍ ଆସୋସିଏସନ୍ ନିର୍ବାଚନ : ଗୋବର୍ଦ୍ଧନ ରାଉତ ସଭାପତି, ନୃସିଂହ ଚରଣ ରାଉତ ସଂପାଦକ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବାର୍ ଆସୋସିଏସନ୍‌ର ନିର୍ବାଚନ ସହ ଫଳାଫଳ ଘୋଷଣା କରାଯାଇଛି । ଏଥିରେ ବରିଷ୍ଠ ଆଇନଜୀବି ଗୋବର୍ଦ୍ଧନ ରାଉତ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ନୃସିଂହ ଚରଣ ରାଉତ ସଂପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ମୋଟ୍ ୫୪୨ ଭୋଟରଙ୍କ ମଧ୍ୟରୁ ୫୦୯ ଜଣ ମତଦାନ ସାବ୍ୟସ୍ତ କରିଥିଲେ । ସେଥି ମଧ୍ୟରୁ ୪ଟି ଭୋଟ ନାକଚ ହୋଇଥିବା ବେଳେ ୫୦୫ ବୈଧ ଭୋଟରୁ ଶ୍ରୀ ରାଉତ ୨୮୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ରବି ନାରାୟଣ ମହାନ୍ତି ୨୨୫ ଖଣ୍ଡ ଭୋଟ୍ ପାଇଛନ୍ତି । ସେହିଭଳି ଉପ ସଭାପତି ଭାବେ ହାଡିବନ୍ଧୁ ସିଂହ ୩୧୪ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ପ୍ରତିଦ୍ୱନ୍ଦୀ ଅନା ମହାନ୍ତି ୧୯୪ ଖଣ୍ଡ ଭୋଟ୍ ପାଇଛନ୍ତି । ସଂପାଦକ ପ୍ରାର୍ଥୀ ନୃସିହ ଚରଣ ରାଉତ ୨୬୦ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ବେଳେ ପ୍ରତିଦ୍ୱନ୍ଦୀ ଅଜୟ କୁମାର ମହାନ୍ତି ୧୫୧ ଖଣ୍ଡ ଓ ଅରକ୍ଷିତ ସୁଆର ୯୬ ଖଣ୍ଡ ଭୋଟ ପାଇଛନ୍ତି । କୋଷାଧକ୍ଷ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ବିଭୂତି ଭୂଷଣ କର ୩୪୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ପ୍ରତିଦ୍ୱନ୍ଦିତା କରୁଥିବା ଚୈତନ୍ୟ ଚରଣ ମଲିକ ୧୬୬ ଖଣ୍ଡ ଭୋଟ ପାଇଥିବା ଜଣାପଡିଛି । ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବି ସଂଜୟ କୁମାର ପତ୍ରୀ ଏହି ନିର୍ବାଚନ କରି ଫଳାଫଳ ଘୋଷଣା କରିଥିବା ସୂଚନା ମିଳିଛି । ସକାଳ ୮ରୁ ଦିନ ୩ଟା ମଧ୍ୟରେ କୋର୍ଟ ପରିସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

## ବିଜୁ ପଟ୍ଟନାୟକ ସିନିୟର ସିଟିଜେନ୍ସ ଫୋରମ ପକ୍ଷରୁ

# ସାଇବର କ୍ରାଇମ ଓ ଡିଜିଟାଲ ଆରେଷ୍ଟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ବିଜୁ ପଟନାୟକ ସିନିଅର ସିଟିଜେନ୍ସ ଫୋରମ ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲ ଜେ.ବି. ପ୍ରାଙ୍ଗଣ ଠାରେ ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବରେ ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ଃ ସର୍ବଣ ବିବେକ ଏମ ଯୋଗ ଦେଇ ଆନୁଷ୍ଠାନିକ ଭାବେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ପ୍ରଦାନ କରି ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ସୂର୍ଯ୍ୟ କାନ୍ତ ପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡ଼ଃ ସର୍ବଣ



ବିବେକ ଏମ, ଆଇପିଏସ୍, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ନିଜର ବକ୍ତବ୍ୟରେ ପ୍ରାଞ୍ଜଳ ଭାବେ ସାଇବର କ୍ରାଇମ ଓ ଡିଜିଟାଲ ଆରେଷ୍ଟ ଉପରେ ଉଦାହରଣ ଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସାଇବର ଅପରାଧରୁ ବର୍ତ୍ତିବା ନିମନ୍ତେ ବରିଷ୍ଠ ନାଗରିକମାନେ ସର୍ବଦା ସତର୍କ ରହିବା ସଂଗେ ସଂଗେ ଆବଶ୍ୟକ ସହାୟତା ନିମନ୍ତେ ଉଦ୍ଦିଷ୍ଟ ନମ୍ବର ୧୯୩୦ କୁ ଯୋଗାଯୋଗ କରିବା ଓ ଅଜଣା ଫୋନ କଲକୁ ଗ୍ରହଣ ନ କରିବା ପାଇଁ ପରାମର୍ଶ ଦେଇଥିଲେ । ବ୍ରହ୍ମପୁର ସହରର ଟ୍ରାଫିକ ସମସ୍ୟା ଓ ବରିଷ୍ଠ ନାଗରିକ ମାନଙ୍କ ପରିଚୟ ପତ୍ର ଉପରେ ମଧ ଆଲୋକପାତ କରିଥିଲେ। ଫୋରମର ଅନୁବନ୍ଧିତ ଶାଖା ଧରାକୋଟର ସମ୍ପାଦକ ବାସୁଦେବ ନାୟକ, ବେଲଗୁଣ୍ଠା ସଭାପତି ଅଭିମନ୍ୟୁ ପଟ୍ଟନାୟକ, ସମ୍ପାଦକ ବିଜୟ କୁମାର ସାମଲ, କୋଦଳା ସଭାପତି ଏସ ସୂର୍ଯ୍ୟ ନାରାୟଣ ଦୋରା, କୁକୁଡାଖଣ୍ଡି ସଭାପତି ନିତ୍ୟାନନ୍ଦ ଦଳାଇ, ସମ୍ପାଦକ ଏ ସନ୍ୟାସୀ, ଶେରଗଡ଼ ସମ୍ପାଦକ କାଳୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଫୋରମ ପକ୍ଷରୁ ସେମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସିମାଞ୍ଚଳ ପ୍ରସାଦ ବିଷୋୟୀ, ଉପସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟ୍ଟନାୟକ, ସମ୍ପାଦକ ଭୀଷ୍ମଚାର୍ଯ୍ୟ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ମହେଶ୍ୱର ପୃଷ୍ଟି, ରାଜକିଶୋର ସ୍ୱାଇଁ, କୋଷାଧକ୍ଷ ମନମୋହନ ପରିଛା, ଏଡିଟର ନାରାୟଣ କର, ହନକ କୁମାର ସାହୁ, ପ୍ରଶାନ୍ତ କୁମାର ମହାପାତ୍ର, ଦେବରାଜ କୋଠିଆ, ଭାସ୍କର ବେହେରା, ରାଜୁ ଚାରଲେସ, ହେରାଲଡ଼ ଥୋମାସ ଡେଭିଡ, କୃଷ୍ଣଚନ୍ଦ୍ର ପାତ୍ର, ନବୀନ କୁମାର ପଟ୍ଟନାୟକ, କୃଷଚେବ ମହାରଣା, ରାଧାକୃଷ୍ଣ ମହାରଣା, ବି ପ୍ରସନ କୁମାର ପୃଷ୍ଟି, ପ୍ରମୁଖ ବହୁ ସଦସ୍ୟ ଆଲୋଚନା ଚକ୍ରରେ ଭାଗ ନେଇ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସାଧାରଣ ସମ୍ପାଦକ ସିମାଞ୍ଚଳ ପ୍ରସାଦ ବିଷୋୟୀ ମୁଖ୍ୟଅତିଥି, ସମସ୍ତ କର୍ମକର୍ତ୍ତା, ସଦସ୍ୟ ଏବଂ ଶାଖା ସଂଘର କର୍ମକର୍ତ୍ତାମାନେ ନିଜର ମୂଲ୍ୟବାନ ସମୟ ଦେଇ ଫୋରମର ଏହି ଆଲୋଚନା ଚକ୍ରରେ ଯୋଗ ଦେଇ ସାଫଲ୍ୟମଣ୍ଡିତ କରିଥିବାରୁ ଧନ୍ୟବାଦ ପ୍ରଦାନ କରିଥିଲେ ଓ କୃତଜ୍ଞତା ଜଣାଇଥିଲେ ।



ବ୍ରହ୍ମପୁର : ଏଆଇସିସି ଗଣମାଧ୍ୟମ ବିଭାଗର ଅଧକ୍ଷ ପବନ ଖେରାଙ୍କ ସହିତ ପିସିସି ସଭାପତି ଭକ୍ତ ଚରଣ ଦାସ ମା' ତାରା ତାରିଣୀ'ଙ୍କ ଦର୍ଶନ କରୁଛନ୍ତି। ପୂଜାର୍ଚ୍ଚନା କରିବା ସହ ରାଜ୍ୟରେ କଂଗ୍ରେସ ଆଗକୁ ବଢିବା ପାଇଁ ଆଶୀର୍ବାଦ ଭିକ୍ଷା କରି ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଛନ୍ତି। (ଫଟୋ : ସମ୍ବାଦ କଳିକା)

# ବସ୍‌ଷ୍ଟାଣ୍ଡରୁ ବିଦେଶୀ ମଦ ସହ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ୍ ଜବତ୍

**ବାଲିଗୁଡା, ନ୍ୟୁଜ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥିତ ବସଷ୍ଟାଣ୍ଡରେ ଦୋକାନ କରିଥିବା ବରଡ଼ ଭେରାଇଟ ଷ୍ଟୋରରେ ଚକଲେଟ, ବିସ୍କୁଟ, ମିକ୍ସର ବିକ୍ରି ନାମରେ ଦୀର୍ଘଦିନ ଧରି ଖୁଲମଖୁଲା ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ବିଷୟ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ବିଶେଷ ସୂତ୍ରରୁ ଖବର ମିଳିବା ପରେ ପୋଲିସ ଟିମ୍ ସହ ଦୋକାନ ଉପରେ ଅଚାନକ ଚଢ଼ଉ କରି ୧କେଜି ୨୧୦ଗ୍ରାମ ଗଞ୍ଜେଇ ଜବତ ସହ ସିଗାରେଟ୍ ଗୋଗୋ ୧କେଜି ୧୧୦ଗ୍ରାମ, ମିଗ୍‌ୱାଲ୍ ହ୍ୱିସ୍କି ୫୫ ବୋଟଲ, ଓଲ୍ଡମଙ୍କ ୨୦ଟା, ପାଉଚ୍ ୩ଟା, ବିଅର୍ କେନ୍ ୫ ଟା ଏବଂ ୧୭ ଲିଟର ବିଦେଶୀ ମଦ ଜବତ କରିବା ସହ ଦୋକାନୀ ସଦାନନ୍ଦ ବରଡକୁ ଗିରଫ କରିଥିବା ବିଷୟ ପୋଲିସ୍ ଏସଡିପିଓ ରାମେନ୍ଦ୍ର ପ୍ରସାଦ ପ୍ରକାଶ କରିଛନ୍ତି ।




# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୧।୩।୨୦୨୫, ଚୈତ୍ର ଦି୧୮ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୫୨।୧୬** **ଚନ୍ଦ୍ରୋଦୟ- ପ୍ରାଘ ୬।୪୯।୧୪**

**ଦ୍ୱିତୀୟା-** ଦିଘ ୯।୧୧ ପର୍ଯ୍ୟନ୍ତ । **ଅଶ୍ୱିନୀ ନକ୍ଷତ୍ର-** ଦିଘ ୧।୪୫ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ଦିଘ ୯।୧୧ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୫ ଗତେ ଘ ୭।୧୬ ମଧ୍ୟେ, ଦିଘ ୪।୨୫ ଗତେ ଘ ୫।୦୮ ମଧ୍ୟେ । **ପର୍ବୋତ୍ସବ-** ଇଦ୍-ଉଲ୍-ଫିତର ।

**ମେଷ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।

**ବୃଷ:** ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।

**ମିଥୁନ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।

**କର୍କଟ:** ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।

**ସିଂହ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ।

**କନ୍ୟା:** ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।

**ତୁଳା:** ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।

**ବିଛା:** ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।

**ଧନୁ:** ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।

**ମକର:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।

**କୁମ୍ଭ:** ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।

**ମୀନ:** ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୦୧।୦୪।୨୦୨୫, ଚୈତ୍ର ଦି୧୯ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୪୧।୨୪** **ଚନ୍ଦ୍ରୋଦୟ- ଦିଘ ୭।୩୬।୦୨**

**ତୃତୀୟା-** ପ୍ରାଘ ୬/୩୪ ଚତୁର୍ଥୀକ୍ଷୟ ରାଘ ୨/୫୭। **ଦ୍ୱିଜାନକ୍ଷତ୍ର -** ଦିଘ ୧୧/୦୭ ପର୍ଯ୍ୟନ୍ତ। **ମେଷଚନ୍ଦ୍ର-**ଦିଘ ୪/୩୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-**ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର ଦିଘ ୪/୩୦ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର, ଓ ମୀନରାଶିର। **ଘାତ ଚନ୍ଦ୍ର-** ମେଷ, ରାଶିର ଦିନ ୪/୩୦ ଗତେ ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧଖାଦ୍ୟ-** ପୋଟଳ ପ୍ରାଘ ୬/୩୪ ପରେ ମୂଳା ରାଘ ୨/୫୭ ପରେ ବେଲ ଖାଇବା ମନା, **ଆଜିର ଶୁଭବେଳା-** ଦିଘ. ୮।୪୭ ଗତେ ଘ ୧୦।୩୭ ମଧ୍ୟେ, ଦିଘ ୪।୨୫ଗତେ ଘ ୫।୦୮ ମଧ୍ୟେ। ପର୍ବୋତ୍ସବ-ଉତ୍କଳ ଦିବସ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# ୨୦୩୪ ସୁଦ୍ଧା ପହଞ୍ଚିବ ୧୯୦ ଲକ୍ଷ କୋଟି

ଦେଶର ରିଟେଲ ସେକ୍ଟର ଦ୍ରୁତ ଗତିରେ ବିକାଶ କରୁଛି । ଏକ ରିପୋର୍ଟ ଅନୁଯାୟୀ, ଭାରତର ରିଟେଲ ସେକ୍ଟର ୨୦୩୪ ସୁଦ୍ଧା ୧୯୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଭାରତରେ ଖୁଚୁରା ବଜାର ୨୦୧୪ରେ ୩୫ ଲକ୍ଷ କୋଟି ଟଙ୍କା ଥିଲା। ହେଲେ ୨୦୨୪ରେ ଏହା ୮୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ଦଶନ୍ଧି ମଧ୍ୟରେ, ଦେଶର ରିଟେଲ ସେକ୍ଟର ବାର୍ଷିକ ୮.୯ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛି । ବୋଷ୍ଟନ୍ କନସଲ୍ଟିଂ ଗ୍ରୁପ୍ ଏବଂ ରିଟେଲର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ ଦ୍ୱାରା ମିଳିତ ଭାବରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ, ବିଭିନ୍ନ ଗ୍ରାହକ ଗୋଷ୍ଠୀ ସହିତ, ଖୁଚୁରା ବ୍ୟବସାୟୀମାନଙ୍କୁ ବିଭିନ୍ନ ଅବସରକୁ ବୁଝିବା ଦରକାର ଓ ଦେଶର ସଫଳ ହେବାକୁ ହେଲେ ତାଙ୍କୁ ଲୋକଙ୍କ ଆବଶ୍ୟକାତା ବୁଝିବାର ଆବଶ୍ୟକତା ରହିଛି । ଭାରତ ଏବଂ ବିଦେଶରେ ସଫଳ ହେବା ପାଇଁ ବିଭିନ୍ନ ସୁଯୋଗକୁ ଚିହ୍ନିବା ଏବଂ ଲୋକଙ୍କ ଆବଶ୍ୟକତାକୁ ବୁଝିବା ଆବଶ୍ୟକ । ଯେଉଁମାନେ ଗ୍ରାହକଙ୍କ ଆବଶ୍ୟକତାକୁ ଯେତେ ଭଲ ବୁଝିପାରିବେ ସେତେ ଲାଭ କରିବେ ବୋଲି ରିପୋର୍ଟରେ କୁହାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ ଭିନ୍ନ ଭିନ୍ନ ଗ୍ରାହକଙ୍କୁ ଆଧାର କରି ରିଟେଲ ସେକ୍ଟର ଦ୍ରୁତ ଗତିରେ ଅଭିବୃଦ୍ଧି କରିଛି । କୋଭିଡ-୧୯ ମହାମାରୀ ସମୟ ବ୍ୟତୀତ ଭାରତର ଗ୍ରାହକ ଅଭିବୃଦ୍ଧି ଧାରା ଭଲ ରହିଛି । ରିପୋର୍ଟରେ କୁହାଯାଇଛି ଯେ ଭାରତୀୟ ରିଟେଲ ସେକ୍ଟର ୨୦୨୪-୩୪ ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କରିବାକୁ ଯାଉଛି । ୨୦୨୪ ସୁଦ୍ଧା ଏହା ୧୯୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି । ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରିଟେଲ ସେକ୍ଟର ବି ଡେଭଲପ ହେଉଛି । କିନ୍ତୁ ଏହି ଅଭିବୃଦ୍ଧି ଜାରି ରହିବ କି ନାହିଁ ତାହା ଏକାଧିକ କାରଣ ଉପର ନିର୍ଭର କରୁଛି । ବର୍ଦ୍ଧିତ ଜନସଂଖ୍ୟା ସହିତ ଲୋକଙ୍କ ଆଚରଣରେ ଏବେ ପରିବର୍ତ୍ତନ ଆସିଛି । ଗ୍ରାହକମାନେ ନୂଆ ଜିନିଷ କିଣିବା ବିଷୟରେ ପୂର୍ବାପେକ୍ଷା ଅଧିକ ସଚେତନ ଅଛନ୍ତି । ଏହା ସହିତ, ମହିଳା କର୍ମଚାରୀଙ୍କ ପରିସର ବୃଦ୍ଧି ପାଇବା ସହିତ, କିଣିବା ପ୍ରତି ଇଚ୍ଛା ବଢୁଛି । ମୋଟାମୋଟି କହିବାକୁ ଗଲେ ଆସନ୍ତା ଦିନମାନଙ୍କରେ ଯେତିକି ସୁଯୋଗ ଅଛି, ସେତିକି ଚ୍ୟାଲେଞ୍ଜ ମଧ୍ୟ ରହିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଉତ୍କଳଗୌରବ ମଧୁସୂଦନ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ଉତ୍କଳ ଗୌରବ ମଧୁସୂଦନ ଦାସ, ତାଙ୍କ ମହାପ୍ରୟାଣ (୧୯୩୪) ର ଠିକ୍ ପୂର୍ବରୁ ଉତ୍କଳ ସମ୍ମିଳନୀର ଦାୟିତ୍ୱ ସଅଁପି ଦେଲେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ହାତରେ। ଦରଦ ଭରା କଥା ପଦୁଟିଏ ବି କହିଦେଲେ ଭାବ ବିହ୍ୱଳ ହୋଇ, "ମୁଁ ତ ଯାଉଛି; ମନେ ରଖିଥିବ ଜଣେ ଓଡ଼ିଆ ଥିଲା।" କୁଳବୃଦ୍ଧଙ୍କର ଏହା ଥିଲା ଆତ୍ମାର ବାଣୀ; ବାଣୀ ନୁହେଁ ସତେ ଯେପରି ସବୁ ଓଡ଼ିଆଙ୍କ ପାଇଁ ଏହା ମୃତ୍ୟୁ ସଞ୍ଜିବନୀ। ଖାଲି କଥାରେ ନୁହେଁ, ମଧୁବାବୁ ଥିଲେ କାୟ-ମନୋ-ବାକ୍ୟରେ ଓଡ଼ିଆଟିଏ। କହିବା ବାହୁଲ୍ୟ ଯେ, ଓଡ଼ିଆ-ଭାଷା ଜାତିର ଉନ୍ନତି କଳ୍ପେ ସେ ଉତ୍ସର୍ଗ କରିଯାଇଛନ୍ତି ଆପଣାର ସର୍ବସ୍ୱ। ତାଙ୍କରି ଅକୁଣ୍ଠ ତ୍ୟାଗ, ସଂଗ୍ରାମ, ପ୍ରଚେଷ୍ଟା ଯୋଗୁଁ ଓଡ଼ିଶା ପାଇଥିଲା ତା'ର ସ୍ୱତନ୍ତ୍ର ପରିଚୟ। ୧୯୩୬ ମସିହା, ଏପ୍ରିଲ ୧ ତାରିଖ; ସାରା ଓଡ଼ିଶା ଉତ୍ସବ ମୁଖର; ମାତ୍ର ନ ଥିଲେ ଓଡ଼ିଆ ମା'ର ଯୋଗ୍ୟତମ ସନ୍ତାନ ମଧୁସୂଦନ ଦାସ। ତଥାପି ଯେତେଦିନ ପର୍ଯ୍ୟନ୍ତ ସୂର୍ଯ୍ୟ, ଚନ୍ଦ୍ର ଥିବେ, ଓଡ଼ିଆ ଜାତି ଥିବ; ଓଡ଼ିଶାର ଗର୍ବ ଗୌରବ ମଧୁସୂଦନ ଚିର ବନ୍ଦନୀୟ ହୋଇ ରହିଥିବେ ନିଶ୍ଚୟ!

ଏବେ ଉତ୍କଳ ଦିବସର ମର୍ଯ୍ୟାଦା ସ୍ୱତନ୍ତ୍ର, ନୂତନ ଆଗ୍ରହ, ଉତ୍ସାହ, ଉଦ୍ଦୀପନା ସର୍ବତ୍ର। ବିଳମ୍ବରେ ହେଲେ ମଧ୍ୟ ଓଡ଼ିଆ ଭାଷା ପାଇଛି ଶାସ୍ତ୍ରୀୟ ମାନ୍ୟତା; ମାତ୍ର ଏକଦା ଓଡ଼ିଶା ହରାଇଥିଲା ତା'ର ଅସ୍ତିତ୍ୱ। ଆପଣାର ଅସ୍ମିତା ଟିକକ ଏକ ପ୍ରକାର ହରାଇ ଦେଇଥିଲେ ଓଡ଼ିଆଏ। ନଥିଲା ଓଡ଼ିଶା; ଥିଲେ ଖାଣ୍ଟି ଓଡ଼ିଆ। ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୁରଭଞ୍ଜ ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ, କନିକା ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବିଶ୍ୱନାଥ କର, ବ୍ରଜସୁନ୍ଦର ଦାସଙ୍କ ସହ ଆହୁରି ଅନେକ। ଏମାନେ ଭଲ ପାଉଥିଲେ ଆପଣାର ଭିଟାମାଟିକୁ, ଭାଷା ପ୍ରୀତି ସେମାନଙ୍କର ଥିଲା ଶୀର୍ଷରେ, ଜାତୀୟତାବାଦ ସେମାନଙ୍କ ଅସ୍ଥି ମଜାଗତ। ଗୋଟେ ପଟେ ସ୍ୱାଧୀନତା ପାଇଁ ଚାଲିଥିଲା ମହାସଂଗ୍ରାମ; ଏ ପଟେ ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ପାଇଁ ପ୍ରଚେଷ୍ଟା। ଏହାର ସୂତ୍ରଧର ଥିଲେ ମଧୁସୂଦନ। ପ୍ରଥମେ ଉତ୍କଳ ସଭା, ପରେ ଉତ୍କଳ ସମ୍ମିଳନୀ ମାଧ୍ୟମରେ ସେ ଓଡ଼ିଶାର ସ୍ୱାଭିମାନ ରକ୍ଷା ପୂର୍ବକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉଦ୍ୟମ ଜାରି ରଖିଥିଲେ। ଇଂରେଜମାନଙ୍କ ସହାୟତାରେ ଆଞ୍ଚଳିକ ସ୍ୱାର୍ଥ ହାସଲ ମଧୁବାବୁଙ୍କର ଥିଲା ମୂଳ ଉଦ୍ଦେଶ୍ୟ; ମାତ୍ର ମହାଭାରତୀୟ ଚେତନାବୋଧରୁ ସେ ଅଲଗା ନଥିଲେ। ଭାରତୀୟ ଜାତୀୟ କଂଗ୍ରେସର ସେ ସକ୍ରିୟ ସଦସ୍ୟ (୧୮୮୫ ରୁ ୧୯୧୦) ଥିଲେ। ସେ ସମୟରେ ଭାରତ ଭଳି ଏକ ଉପମହାଦେଶରେ ଓଡ଼ିଶାର ଚିହ୍ନ ବର୍ଣ୍ଣ ଥିଲା ଅତ୍ୟନ୍ତ ରୁଗ୍ଣ, ବିକଳାଙ୍ଗ। ଏହା ଗଭୀର ବ୍ୟଥା ଦେଲା ଓଡ଼ିଆ ପୁଅ ମଧୁବାବୁଙ୍କୁ। ଏଣୁ ଓଡ଼ିଶାର ଭୌଗୋଳିକ ସୀମା ନିର୍ଦ୍ଧାରଣ, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହ ମିଶ୍ରଣ ପାଇଁ ସେ ନେଲେ ବଜ୍ର ଶପଥ। ବୀର କେବେ ପଳାୟନପନ୍ଥୀ ହୋଇ ନପାରେ, ଠିକ୍ ସେମିତି ଜାତିର ମହାନାୟକ ମଧୁବାବୁଙ୍କ ଅଭିଧାନରେ ହାର୍ ଶବ୍ଦ ନଥିଲା! ତାଙ୍କ ଭଳି ଜଣେ ପ୍ରାଜ୍ଞ, ବିଜ୍ଞ, ବିଚକ୍ଷଣ, ଧୀ ସମ୍ପନ୍ନ, ଦକ୍ଷ ଆଇନଜୀବୀ, ପୋଖତ ରାଜନୀତିଜ୍ଞଙ୍କ ପକ୍ଷେ ପୂର୍ଣ୍ଣାଙ୍ଗ ଓଡ଼ିଶା ସ୍ୱପ୍ନ ଦେଖିବା ସମ୍ଭବ ହୋଇଥିଲା। ସେହି ସ୍ୱପ୍ନ ଶେଷରେ ସାକାର ହେଲା।

ବ୍ରିଟିଶ ରାଜତ୍ୱ କାଳରେ ଓଡ଼ିଶାର ରୂପ ବିଭବ ଥିଲା ଅତ୍ୟନ୍ତ ନୈରାଶ୍ୟଜନକ। ଗଞ୍ଜାମ, କୋରାପୁଟ ମାନ୍ଦ୍ରାଜରେ; ସମ୍ବଲପୁର ମଧ୍ୟପ୍ରଦେଶରେ, ପୁରୀ, କଟକ, ବାଲେଶ୍ୱର ପଶ୍ଚିମବଙ୍ଗରେ ରହିଥିଲା। ସେଠାରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀମାନେ ଏକପ୍ରକାର ଅଣନିଶ୍ୱାସ ହୋଇ ଅକଥନୀୟ ମାନସିକ ଯନ୍ତ୍ରଣା ପାଉଥିଲେ। ତାହା ଜାତୀୟତାବାଦୀ ମଧୁବାବୁଙ୍କୁ କରିଥିଲା ମ୍ରିୟମାଣ। ଓଡ଼ିଶା ଠାରୁ ଅଲଗା ରହିଥିବା ବିଭିନ୍ନ ଅଞ୍ଚଳକୁ ଏକାଠି କରିବାକୁ ସେ ବିଭିନ୍ନ ପଦକ୍ଷେପ ନେଇଥିଲେ। ସେ ଥିଲେ ଉତ୍କଳ ସମ୍ମିଳନୀର ଜନ୍ମଦାତା, ପ୍ରଥମ ସମ୍ପାଦକ, ପରବର୍ତ୍ତୀ ସମୟରେ ଦୁଇଟି ଅଧିବେଶନର ସଭାପତି। ବିହାର ଓଡ଼ିଶା କାଉନ୍‌ସିଲ ସଭ୍ୟ ଥାଆନ୍ତି। ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜରେ ଥିବା ଓଡ଼ିଆ ଭାଷା କହୁଥିବା ଅଞ୍ଚଳଗୁଡ଼ିକୁ ବିହାର ଓଡ଼ିଶା ପ୍ରଦେଶର ଓଡ଼ିଶା ଡିଭିଜନ ସହ ମିଶାଯିବ, ଏଥିପାଇଁ ସେ ଗୋଟେ ପ୍ରସ୍ତାବ ଆଣିଥିଲେ। ସେ ଓଡ଼ିଶାର ମନ୍ତ୍ରୀ ଥିବା ବେଳେ ବିହାର ଓଡ଼ିଶା କାଉନ୍‌ସିଲ୍‌ରେ ଏହି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାକୁ ଭିତ୍ତିକରି ତତ୍‌କାଳୀନ ଭାରତ ସରକାର ବିଭିନ୍ନ କମିଟିମାନ ଗଠନ କଲେ; ବସ୍ତୁତଃ ଓଡ଼ିଶାର ସମସ୍ୟାମାନ ଚର୍ଚ୍ଚାର ବଳୟକୁ ଆସିଲା।

ମଧୁବାବୁ ଥିଲେ ଏକାନ୍ତ ଜାତି ପ୍ରାଣ। ତାଙ୍କର କଥା, କାର୍ଯ୍ୟ, ବକ୍ତବ୍ୟ, କବିତା; ପ୍ରତିଟିରେ ଭରପୂର ଥିଲା ଦେଶପ୍ରେମ କଥା, କାହାଣୀ। ସୁପ୍ତ ଓଡ଼ିଆକୁ ଜାଗ୍ରତ କରିବା ପାଇଁ ଏଗୁଡ଼ିକରେ ଥିଲା ଅଭୂତପୂର୍ବ ପ୍ରେରଣା। ଜାତି ପ୍ରେମ ବହ୍ନି ପ୍ରଜ୍ୱଳନ ଏହାର ଥିଲା ଅସଲ ଲକ୍ଷ୍ୟ। ଓଡ଼ିଶା ମାଟିରେ ଜନ୍ମ ହୋଇଥିବାରୁ ମଧୁବାବୁଙ୍କ ଗର୍ବର ପଟାନ୍ତର ନଥିଲା। ଏହି କଥାକୁ ବ୍ୟକ୍ତ କଲାବେଳେ ସେ ହୋଇ ପଡୁଥିଲେ ଭାବ ବିହ୍ୱଳ। ଏମିତି ଘଟଣାଟିଏ, ଉତ୍କଳ ସମ୍ମିଳନୀର ବ୍ରହ୍ମପୁର ଅଧିବେଶନ (୧୯୧୨)। ସମବେତ ଓଡ଼ିଆମାନଙ୍କୁ ସେ କହିଲେ, "ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମ ଗ୍ରହଣ କରିଅଛି ଏବଂ ବାସ କରୁଅଛି। ଉତ୍କଳ ମାତା କୋଳରେ ମୋର ଅସ୍ଥି, ମାଂସ ରହିବ। ଯେଉଁମାନେ କୀର୍ତ୍ତିରଖି ଯାଇଛନ୍ତି ସେମାନେ ମୋ ପୂର୍ବ ପୁରୁଷ। ତାଙ୍କ କୀର୍ତ୍ତି ରକ୍ଷାର ଭାର ମୋ ଉପରେ ନ୍ୟସ୍ତ। ପ୍ରତ୍ୟେକ ଲୋକମନରେ ଏହି ଭାବ ସଂଚାର କରିବା ସମ୍ମିଳନୀର ଉଦ୍ଦେଶ୍ୟ।" ଏଥି ସହ ଓଡ଼ିଆ ଜାତିର ଗତ ଗୌରବ, ହୃତ ଗୌରବ ଫେରାଇ ଆଣିବା ପାଇଁ ସେ ଆପ୍ରାଣ ଉଦ୍ୟମ କରିଥିଲେ।

ମଧୁସୂଦନଙ୍କ ଉଦ୍‌ବୋଧନ ଗୀତିକା ଥିଲା ପ୍ରାଣସ୍ପର୍ଶୀ। ସହଜ, ସରଳ, ସାବଲୀଳ ଭାଷା, ଏଗୁଡ଼ିକୁ ଗାଇଲା ବେଳେ ଶ୍ରୋତାଙ୍କ ପ୍ରାଣରେ ସଞ୍ଚରି ଯାଉଥିଲା ଅହେତୁକ ପୁଲକ। ସ୍ରବୁଥିଲା ଦେଶ-ପ୍ରେମ ମନ୍ଦାକିନୀ ଧାରା; ସତେ ଯେମିତି ଏ ମାଟି ଆର୍ଦ୍ର ପାଲଟିଥିଲା ଓଡ଼ିଆ ଜାତୀୟତାବାଦୀ ପୂତ ପୟୋଧି ବାରିରେ! ଏକଦା ସେ ଉତ୍କଳ ସମ୍ମିଳନୀରେ ଗାଇଥିଲେ, "ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ / କୋଟି ପ୍ରାଣ ବିନ୍ଦୁ ଧରେ / ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ / ଡେଇଁ ପଡ଼ି ସିନ୍ଧୁ ନୀରେ।" ଚହଲି ଯାଇଥିଲା ସମ୍ମିଳନୀର ପରିବେଶ। ସମବେତ ଓଡ଼ିଆ ଯେମିତି ଖୋଜୁଥିଲେ ତାଙ୍କ ସାଶ୍ରୁବଦନା, ଆଲୁଳାୟିତ କେଶା ଉତ୍କଳ ମା'କୁ!

ଏକଦା ଆଗଙ୍ଗା ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଓଡ଼ିଶାର କୀର୍ତ୍ତିରାଜି। ପୁରୀ, କୋଣାର୍କ, ଭୁବନେଶ୍ୱର ଏବେ ବି ଆପଣାର କଳା, ଭାସ୍କର୍ଯ୍ୟକୁ ନେଇ ସଗର୍ବେ ମଥା ଉଚ୍ଚ କରିଛନ୍ତି ବିଶ୍ୱ ଦରବାରରେ। ମାତ୍ର ଏହି ଗୌରବାବହ ଇତିହାସ ଏକ ପ୍ରକାର ବିସ୍ମୃତ ପ୍ରାୟ ହୋଇଥିଲା ଏ ଜାତିର। ଅତୀତ ଓଡ଼ିଶାର ସୁନାମ ଫେରାଇ ଆଣିବାକୁ ପ୍ରଚେଷ୍ଟା ସହିତ ଜାତିର ଗର୍ବ ଗୌରବକୁ ଓଡ଼ିଶାବାସୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି ମଧୁବାବୁ, "ଉତ୍କଳର ଅସ୍ତମିତ ଗୌରବ ବିଷୟରେ ଥରେ ଚିନ୍ତାକର। ସମସ୍ତେ ଏହି କଥା ଭାବ ଓ ପ୍ରତିଜ୍ଞା କରଯେ ଯେଉଁ ଉତ୍କଳ ଜନନୀ, ତା' ସକାଶେ ଏହି ସଭାରେ ଦୃଢ଼ ପ୍ରତିଜ୍ଞା କରୁଅଛି କି, ମୁଁ ପ୍ରତିଦିନ ପାଞ୍ଚମିନିଟ୍ ସମୟ ଦେଶର କଥା ଭାବିବି ଏବଂ ସମ୍ମିଳନୀ ସକାଶେ, ଉତ୍କଳ ନିମନ୍ତେ ଓ ଭାରତ ନିମନ୍ତେ ଅନ୍ତତଃ ପାଞ୍ଚ ମିନିଟ୍ ସମୟ ବ୍ୟୟ କରିବି। ଏହି ମନ୍ତ୍ର ସମସ୍ତେ ମୁହଁରେ ପାଟି କରି କହ।" ଜଣେ ଅବଧାନ ପରି ସେ ଏହି କଥାକୁ ଉତ୍କଳ ସମ୍ମିଳନୀରେ ପାଠ କରାଇଥିଲେ।

ଓଡ଼ିଆ ଜାତି, ଭାଷା ପାଇଁ କୁଳବୃଦ୍ଧ ପ୍ରାଣ କାନ୍ଦୁଥିଲା। ଜଣେ ଖ୍ରୀଷ୍ଟିୟାନ ହୋଇ ମଧ୍ୟ ନୀଳାଚଳ ନିବାସୀ ଶ୍ରୀଜଗନ୍ନାଥ, ଜଗନ୍ନାଥ ସଂସ୍କୃତିକୁ ସେ ଉଚ୍ଚାସନ ଦେଇଛନ୍ତି। ଏହା କ'ଣ କମ୍ ମହାନୁଭବତାର ନିଦର୍ଶନ? ଏ ସମସ୍ତ ଗୁଣାବଳୀ ସହିତ ମଧୁବାବୁଙ୍କ ତ୍ୟାଗର ପଟାନ୍ତର ନାହିଁ। ଜାତିର ଗାଥା ଗୌରବକୁ ମଧ୍ୟ ସେ ଉଦ୍‌ଘୋଷଣା କରିଛନ୍ତି କବିତା ଛଳରେ, "ତୋ ପୂର୍ବ ପୁରୁଷ ଜୟ କରିଥିଲେ / ଗଙ୍ଗାଠାରୁ ଗୋଦାବରୀ / ତାଙ୍କରି ଔରସେ ଜନ୍ମ ହୋଇ ତୁହି କେଉଁ ଗୁଣେ ତାଙ୍କ ସରି।" କେବଳ ସେତିକି ନୁହେଁ, ସ୍ୱାର୍ଥ ହିଁ ଜାତି ପ୍ରେମର ବାଧକ, ଏଣୁ ସ୍ୱାର୍ଥ ମେଧ ଯଜ୍ଞର ସେ ପରିକଳ୍ପନା କରିଛନ୍ତି, "ଜାତିର ଉନ୍ନତି ହେବ କିରେ ଭାଇ / ସ୍ୱାର୍ଥକୁ ଜଗତେ ମଣି / ଗୋଦର ଗାଡ଼ରେ ମାଉଁସ ଲାଗିଲେ / ଦେହର କି ଶୁଭ ଗଣି?" ଏହି ପ୍ରସଙ୍ଗଟି ଥିଲା ମଧୁବାବୁଙ୍କ ପ୍ରାଣର କଥା। ସେ ଅନ୍ୟମାନଙ୍କୁ ଏହି ମହାନ ବାଣୀରେ ପ୍ରଚୋଦିତ କରିବା ସହ ନିଜକୁ ଏହାର ନଜିର ଭାବେ ଠିଆ କରି ପାରିଥିଲେ। ଓଡ଼ିଶାବାସୀଙ୍କ କଳା, ଶିଳ୍ପ, ଭାସ୍କର୍ଯ୍ୟର ଟେକ ରଖିବାକୁ ଯାଇ ସେ ଦେବାଳିଆ ହୋଇଗଲେ। ଏହାର କରୁଣ ନମୁନାଟିଏ। ଜୀବନର ସାୟାହ୍ନ; କଟକର ବସ୍ତିଟିଏ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଟ ୫୦୦ ଙ୍କା ପ୍ରଦାନ ପାଇଁ। କରୁଣାମୟଙ୍କ ଅପାର ଦୟା। ମହକିଲଟିଏ ଟ ୧୦୦୦ଙ୍କା ଆଣି ପହଞ୍ଚିଲା। ତତ୍‌କ୍ଷଣାତ୍ ଏହି ଟଙ୍କାକୁ କଟକ ମୁନସିପାଲିଟି ଚେୟାରମ୍ୟାନ ପାଖକୁ ପଠାଇଦେଲେ ଝିଅ ଶୈଳବାଳାଙ୍କ ମାଧ୍ୟମରେ। ଟ୍ୟୁବ୍‌ୱେଲ୍‌ଟିଏ ବସ୍ତିରେ ବସାଗଲା। ତ୍ୟାଗର ନମୁନା ଏହାଠାରୁ କ'ଣ ବା ଅଧିକ ହୋଇପାରେ?

ମଧୁସୂଦନ ଜଣେ ମଣିଷ ପରି ମଣିଷ। ଓଡ଼ିଶାର ବିଚ୍ଛିନ୍ନାଞ୍ଚଳ ଏକତ୍ରୀକରଣର ସେ ଥିଲେ କର୍ଣ୍ଣଧାର; ମାତ୍ର ସେ ସୁଖ ଦେଖିବା ତାଙ୍କ କପାଳରେ ନଥିଲା। ସେଇ ଓଡ଼ିଆଟିକୁ ଇଂରେମାନେ କେବଳ ଶ୍ରଦ୍ଧା କରୁନଥିଲେ; ସମ୍ମାନ ମଧ୍ୟ ଦେଉଥିଲେ। ତାଙ୍କ ମହାପ୍ରୟାଣରେ ଓଡ଼ିଶା ଡିଭିଜନର କମିଶନର ଇ.ଏସ୍. ହରନଲ ଶୋକ ବାର୍ତ୍ତାଟିଏ ପଠାଇଥିଲେ। ବିଘା ପର୍ବତ ଉପରେ ଠିଆହୋଇ ମୋଜେସ୍ ତାଙ୍କର ଶିଷ୍ୟଙ୍କର ବାସ ଭୂଇଁ ପର୍ବତ ତଳକୁ ପୂର୍ଣ୍ଣ ଦୃଷ୍ଟିରେ ଦେଖୁ ଦେଖୁ ପ୍ରାଣ ତ୍ୟାଗକଲେ, "ମଧୁସୂଦନ ସେହିପରି ନୂତନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରାକ୍ କାଳରେ ଏ ସଂସାରୁ ବିଦାୟ ନେଇ ଚାଲିଗଲେ।" ଏହା ହିଁ ଥିଲା ହରନଲଙ୍କ ଶୋକବାର୍ତ୍ତାର ସାରକଥା। ଖାଣ୍ଟି ଓଡ଼ିଆ ମଧୁବାବୁଙ୍କ ପାଇଁ ଏହା କ'ଣ ଶ୍ରେଷ୍ଠ ସମ୍ମାନବୋଧ ନୁହେଁ କି?

ସମ୍ପ୍ରତି ଓଡ଼ିଆ ପୁଅର ଆଉ ଏକ ବିଜୟ, ତାହାତ ଓଡ଼ିଆ ସ୍ୱାଭିମାନର ନମୁନା। ଏଣିକି ଆମେ ଓଡ଼ିଆ, ଆମ ରାଜ୍ୟ ଓଡ଼ିଶା, ଆଉ ଓରିଆ, ନୁହେଁ। ତାହା ମଧ୍ୟ ଆଇନ୍ ସ୍ୱୀକୃତ। ସାରା ବିଶ୍ୱରେ ଆମର ପ୍ରକୃତ ପରିଚୟ ଏଣିକି 'ଓଡ଼ିଆ'। ସାରା ରାଜ୍ୟ ଚମକିଲା, ବାଣ ନିଶାଣ, ଦିନଟିଏ ଛୁଟି ମଧ୍ୟ ମିଳିଲା, ସେ ଦିନଟି ଓଡ଼ିଆ ପୁଅ ପାଇଁ ନାହିଁ ନଥିବା ପ୍ରତିଶ୍ରୁତି। ଏମିତି ବର୍ଷବର୍ଷ ଧରି ସରକାରୀ ପ୍ରତିଶ୍ରୁତି, ନାମଫଳକ, ଅଫିସ ଦପ୍ତର, ଚିଠିପତ୍ର ସବୁ ଓଡ଼ିଆରେ, ତଥାପି ଆମର ଅମଲାତାନ୍ତ୍ରିକ ମାନସିକତାରେ 'ଇଂରାଜୀ' ମୋହ। ଏବେବି ମଫସଲର ମାଧିଆ, ଧନୀ, ପଦିଆ, ରତନୀ ଇଂରାଜୀରେ ଅଫିସରୁ ଚିଠିଟି ଆସିଲେ ପାଠୁଆ କତିକି ଧାଏଁ। ଯେମିତି କଳିକତିଆ ଜୋଇଁଠାରୁ ମିଳିଥିବା ପତର ଖଣ୍ଡକ ଅପାଠୋଇଟି ପଢ଼ାଇବା ପାଇଁ ଧାଇଁଯାଏ ପଡ଼ିଶା ଘରକୁ। ଏଭଳି ସ୍ଥିତିରେ ଆମ ସ୍ୱାଭିମାନ ସ୍ଥିତି କେଉଁଠି?

ଓଡ଼ିଆ ଭାଷା ସାହିତ୍ୟ କେତେ କେତେ ପ୍ରତିବନ୍ଧକ ନଟପିଛି, ଏବେ ଓଡ଼ିଆରେ କବି ଲେଖକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଓଡ଼ିଶାର ମହକିତ ପ୍ରକୃତି, କିଆ କେତକୀର ମହୁଆ ମୋହ, ମଲ୍ଲୀଫୁଲିଆ ଓଡ଼ିଆଣୀର ହସ, ଗଭାଚହଟା ବଉଳ ବେଣୀ, ସାଆଁସାଆଁ କରୁଥିବା ଧାନକ୍ଷେତର ଗୀତ, ସିରିସିରି ପୂବେଇ ବାଆରେ ଚହଲା ପରିବେଶ, ବର୍ଷାରାଣୀର ଚଟୁଳ, ଚପଳ-ଛନ୍ଦ, ବସନ୍ତର ବେସୁରା ରାଗିଣୀର ବାସ୍ନା। ଏସବୁ ଓଡ଼ିଆ ସାହିତ୍ୟରେ ଖୁବ୍ କମ୍ ଦେଖିବାକୁ ମିଳେ। ଏଥିସହିତ ଓଡ଼ିଆ ଜନଜୀବନର ବ୍ୟଥା ବେଦନା ମଧ୍ୟ ବିଶ୍ୱଚେତନା ଧାରାରୁ ଅଲଗା ନୁହେଁ। ମାତ୍ର ଆମ ଭାଷାରେ ଲିଖିତ ଅନେକ ସାହିତ୍ୟର ଇଂରାଜୀ ଅନୁସୃଜନ ବେଳେ ବାରି ହୋଇପଡ଼େ ଏଥିରେ ଥିବା ବିଦେଶୀ ମହକ। ତାଙ୍କ କବି ଲେଖକଙ୍କ ଦ୍ୱାରା କୁହାକଥାକୁ ଅନ୍ଧାନୁକରଣ କରାଯାଉଛି, ଓଡ଼ିଆ ସାହିତ୍ୟପ୍ରେମୀକୁ ମିଛ ପ୍ରଚକ୍ଷୁ ପିନ୍ଧାଇ କେତେ ଦିନ ବା ବହଲେଇ ଦିଆଯାଇପାରେ? ଏ ସବୁ ଅବକ୍ଷର ସ୍ଥିତି। ବିଦେଶୀମାନଙ୍କ ପାଇଁ ଆମ ସଂସ୍କାର, ସଂସ୍କୃତି, ସାହିତ୍ୟ ବେଶ୍ ଆଦରଣୀୟ; କିନ୍ତୁ ଆମ ପାଇଁ ଆମ ନିଜ ଚଳଣି ମାଦକତା ଶୂନ୍ୟ।

ସମଗ୍ର ଓଡ଼ିଶାରେ ବିଲକ୍ଷଣର ପ୍ରାବଲ୍ୟ, ଆମ ଭାଷା-ସାହିତ୍ୟ, ମା-ମାଟି ପ୍ରୀତି ପାଇଁ ତାହା ଏକ ବିରାଟ ପ୍ରଶ୍ନବାଚୀ, ଆମକୁ ହିଁ ଅବ୍ୟବସ୍ଥାକୁ ବ୍ୟବସ୍ଥା କରିବାକୁ ପଡ଼ିବ, ଆପଣାକୁ ସଜାଡ଼ି ଦେଲେ ବହିବ ଜାତି-ପ୍ରେମ-ମନ୍ଦାକିନୀ ଧାରା, ଉଚ୍ଛୁଳିଯିବ ଆମ ସାଂସ୍କୃତିକ ଜୀବନ। ତାହା ନ ହେଲେ ଓଡ଼ିଆର ଦେହ ତ ବଦଳିଯାଇଛି, ଆତ୍ମା ବି ବଦଳିଯିବ, ଭାବ-ପୀରତି, ଭାଷା ସାହିତ୍ୟାନୁରାଗ ପୁନଶ୍ଚ ଅବକ୍ଷୟର ସୀମାନ୍ତକୁ ଚାଲିଯିବ। ଆଜି ଉତ୍କଳ ଦିବସର ଆମକୁ ଶପଥ ନେବାକୁ ପଡ଼ିବ, ସେ ଦିନ ଓଡ଼ିଆଟି ବଡ଼ ବିକଳରେ ଗାଉଥିଲା,

"ମା' ମା' ବୋଲି ଯେତେ ମୁଁ ଡାକିଲି / ମା'କୁ ପାଇଲି ନାହିଁ/ ଭାଇଭାଇ ବୋଲି ଯେତେ ମୁଁ ଡାକିଲି / ନଦେଲେ ଉତ୍ତର କେହି।" ପାଳିତ ହୋଇଛି ସ୍ୱତନ୍ତ୍ର ଓଡ଼ିଶା ଦିବସ। ଆସନ୍ତୁନା! ସଚ୍ଚା ଓଡ଼ିଆଟିଏ ପରି ମଧୁସୂଦନଙ୍କ ଗୀତରୁ ପଦିଏ ଗାଇବା, "ଜାତି, ପ୍ରେମ, ବହ୍ନି ପ୍ରଜ୍ୱଳିତ କର / ସ୍ୱାର୍ଥକୁ ଦିଅ ଆହୁତି/
ସ୍ୱାର୍ଥ ମେଧ ଯଜ୍ଞେ/ଚାରିଆଡ଼େ ନାଚ/ ଛାତିକୁ ଛାତି ମିଶାଇ।"

ଏବେ ସମୟ ସମୁପଗତ। ଉଠ, ଜାଗ୍ରତ ହୁଅ ଉତ୍କଳ ସନ୍ତାନଗଣ। ଭକ୍ତିପୂତ ପ୍ରଣାମ ଜଣାଅ ସେଇ ମହାନ ଓଡ଼ିଆ ଉତ୍କଳ ଗୌରବଙ୍କୁ। ଜାତି, ପ୍ରେମ, ବହ୍ନି ପୁନଃ ପ୍ରଜ୍ୱଳିତ କର; ତାହା ହିଁ ହେବ ସେଇ ମହାନ ଆତ୍ମା ପାଇଁ ସର୍ବଶ୍ରେଷ୍ଠ ସମ୍ମାନ।

# ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନରେ ଗ୍ଲେସିୟରର ଭୂମିକା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ସାଧାରଣ ଭାବରେ କୌଣସି ସ୍ଥାନର ଜଳବାୟୁର ବର୍ଣ୍ଣନା କରିବାକୁ କହିଲେ ଉକ୍ତ ସମୟରେ ସେଠାକାର ଜଳବାୟୁ ଅବସ୍ଥାକୁ ବୁଝାଏ । ବିଭିନ୍ନ ହାରାହାରି ଅବକ୍ଷେପଣ ବା ପ୍ରେସିପିଟେସନ ତଥା ଉତ୍ତାପ ଓ ସ୍ୱାଭାବିକ ପରିବର୍ତ୍ତନଶୀଳ ପରିସୀମାକୁ ନେଇ ଜଳବାୟୁର ବର୍ଗୀକରଣ କରାଯାଏ । ଜଳବାୟୁ ଓ ପାଣିପାଗ ମଧ୍ୟରେ ଫରକକୁ ଏକ ଜନପ୍ରିୟ ଶବ୍ଦାବଳୀରେ ପ୍ରକାଶ କରାଯାଏ: 'ତୁମେ ଯାହା ଆଶା କର ତାହା ଜଳବାୟୁ, ତୁମେ ଯାହା ପାଅ ତାହା ପାଣିପାଗ ।' ଐତିହାସିକ ସମୟରୁ ଦ୍ରାଘିମା, ଉଚ୍ଚତା, ଜଳ-ସ୍ଥଳର ଅନୁପାତ ଓ ସମୁଦ୍ର-ପର୍ବତ ଭଳି ଅନେକ ଗୁଡ଼ିଏ ସ୍ଥିର ଭାରିଏବଲ ଅଛି । ପ୍ଲେଟ ଟେକ୍ଟୋନିକସ ଯୋଗୁ ଏମାନଙ୍କର ନିୟୁତ ନିୟୁତ ବର୍ଷ ଧରି ପରିବର୍ତ୍ତନ ହୋଇଆସୁଛି । ଅନ୍ୟାନ୍ୟ ନିର୍ଦ୍ଧାରକମାନଙ୍କ ମଧ୍ୟରେ ସମୁଦ୍ରର ଥର୍ମୋହାଲାଇନ ସଞ୍ଚାଳନ ଯୋଗୁ ଅନ୍ୟାନ୍ୟ ସମୁଦ୍ର ବେସିନ ଅପେକ୍ଷା ଆଟଲାଣ୍ଟିକ ସମୁଦ୍ରରେ ୫° ସେଲ୍ସିଅସ୍ ଯାହା ୯° ଫାରେନହିଟ ଉଷ୍ମତା ବୃଦ୍ଧି ହେଉଛି । ଅନବରତ ପରିବର୍ତ୍ତନଶୀଳ ବିଶ୍ୱରେ ଅନେକ ଘଟନା ଆପେ ଆପେ ଘଟେ । ଯାହା ବିବର୍ତ୍ତନର ଦ୍ୱାର ଖୋଲେ। ତନ୍ମଧ୍ୟରୁ ମହାଦେଶୀୟ ଭୂସ୍ଖଳନ, ଆଗ୍ନେୟଗିରି ଉଦ୍ଗୀରଣ, ପୃଥିବୀର ଭାରସାମ୍ୟ ନଷ୍ଟ ଓ ସାମୁଦ୍ରିକ ସ୍ରୋତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ଗ୍ରହଣ କରିଛି । ଜଳବାୟୁ କହିଲେ ଦୀର୍ଘ ସମୟ ମଧ୍ୟରେ ହାରାହାରି ପାଣିପାଗକୁ ବୁଝାଏ । ତେଣୁ ଉଭୟ ପାଣିପାଗ ଓ ଜଳବାୟୁ ଘନିଷ୍ଠ ଭାବରେ ସମ୍ପୃକ୍ତ । ଜଳବାୟୁ ଦ୍ୱାରା ବିଭିନ୍ନ ରକମର ଉଦ୍ଭିଦ ଜାତ ହୁଅନ୍ତି । ପୃଥିବୀର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରକମର ଜଳବାୟୁ ଦେଖାଯାଏ । କେବଳ ଗୋଟିଏ ସ୍ଥାନର ବିଷୁବରେଖାଠାରୁ ଦୂରତ୍ୱ ଜଳବାୟୁ ପରିବର୍ତ୍ତନ କରେ ନାହିଁ । ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁ ନିର୍ଣ୍ଣୟ କରେ । ଉଷ୍ଣ ଓ ଶୀତଳ ସମୁଦ୍ର ସ୍ରୋତମାନ ପ୍ରବାହିତ ହେଲେ, ସେହି ଅଞ୍ଚଳମାନଙ୍କୁ ଗରମ ଓ ଥଣ୍ଡା ରଖେ । ତାଛଡା ପୃଥିବୀର ବାୟୁ ପ୍ରବାହ ବ୍ୟବସ୍ଥା, ଜଳିଆ ବାଷ୍ପର ପରିମାଣ, ଜଳବାୟୁ ଉପରେ ପ୍ରଭାବ ପକାଏ । କେତେ ବର୍ଷ ଅନ୍ତରରେ ପ୍ରବାହିତ ହେଉଥିବା ଏଲନିନୋ ସମୁଦ୍ର ସ୍ରୋତ ମଧ୍ୟ ଜଳବାୟୁକୁ ବଦଳାଏ । ଅନେକ ସମୟରେ ବାଣିଜ୍ୟ ବାୟୁ ଦୁର୍ବଳ ହୁଏ ଏବଂ ତାପମାତ୍ରା ଓ ବୃଷ୍ଟିପାତ ବ୍ୟବସ୍ଥା ବଦଳେ । ଏହାକୁ ଦକ୍ଷିଣ ଅସିଲେସନ୍ କହନ୍ତି । ଏହା ପୃଥିବୀର ଜଳବାୟୁକୁ ବଦଳାଏ। ବୈଜ୍ଞାନିକମାନଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି । ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି ।

ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ପାଇଁ ମାନବ କାର୍ଯ୍ୟକଳାପ ମୁଖ୍ୟତଃ ଦାୟୀ ବୋଲି ବିବେଚନା କରାଯାଏ। କିନ୍ତୁ ଏହାକୁ ପ୍ରଭାବିତ କରୁଥିବା ପ୍ରାକୃତିକ କାରଣ ମଧ୍ୟ ଅଛି । ବର୍ତ୍ତମାନ, ଜଳବାୟୁରେ ସବୁଠାରୁ ବଡ଼ ଚିନ୍ତା ହେଉଛି ବିଶ୍ୱର ବରଫ ତରଳିବା ହେତୁ ସମୁଦ୍ରର ଜଳ ସ୍ତର ବୃଦ୍ଧି । ଏଥିରେ ସବୁଠାରୁ ବଡ଼ ବିପଦ ହେଉଛି ପଶ୍ଚିମ ଆଣ୍ଟାର୍କଟିକାର ବରଫ ସିଟ୍ ନିକଟରେ ଥୱାଇଟ୍ ଗ୍ଲେସିୟରର ତରଳିବା। ଏକ ରିପୋର୍ଟ ଅନୁଯାୟୀ, ୧୯୮୦ ଦଶକରୁ ଏହି ଗ୍ଲେସିୟର ୫୯୫ ବିଲିୟନ ଟନ ବରଫ ହରାଇଛି । ତେଣୁ ବୈଜ୍ଞାନିକମାନେ ଏହି ଗ୍ଲେସିୟରର ତରଳିବା ବରଫର ପ୍ରତ୍ୟେକ ଇଞ୍ଚ ଉପରେ ନଜର ରଖିଛନ୍ତି । ବୈଜ୍ଞାନିକମାନେ ମଧ୍ୟ ଏହି ଗ୍ଲେସିୟର ତରଳିବାର କାରଣଗୁଡ଼ିକ ବିଷୟରେ ଅଧ୍ୟୟନରୁ ସୂଚନା ପାଇଛନ୍ତି ଓ ଏହାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ୍ୟ ଖୋଜୁଛନ୍ତି । ତଥାପି, ବିଶ୍ୱର ସମସ୍ତ ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ ବିଶ୍ୱ ତାପମାତ୍ରାରେ ଆନ୍ଥ୍ରୋପୋଜେନିକ କାର୍ଯ୍ୟର ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ । ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ପୃଥିବୀର ପ୍ରାକୃତିକ ଓ ଆଭ୍ୟନ୍ତରୀଣ ଉତ୍ତାପ ମଧ୍ୟ ଏହି ଗ୍ଲେସିୟରର ତରଳିବା ହାର ବୃଦ୍ଧି କରିବାରେ ସହାୟକ ହେଉଛି । ଏହି ଗ୍ଲେସିୟରକୁ ଡୁମସଡେ ଗ୍ଲାସିଅର କୁହାଯାଏ । ୧୯୨ ହଜାର ବର୍ଗ କିଲୋମିଟର ଉପରେ ବ୍ୟାପିଥିବା ଏହି ଗ୍ଲେସିୟର ତରଳିବା ପାଇଁ ଜଳବାୟୁ ବୈଜ୍ଞାନିକମାନେ ବହୁତ ଚିନ୍ତିତ ଓ ଏହା ଉପରେ ବିଶେଷ ଗବେଷଣା କରୁଛନ୍ତି। କାରଣ ଏହାର ଜଳ ପୃଥିବୀର ଅନେକ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳମଗ୍ନ କରିବାର କ୍ଷମତା ଅଛି । ଏହି ଗବେଷଣାରେ ବୈଜ୍ଞାନିକମାନେ ଏହି ଗ୍ଲେସିୟର ଉପରେ ବିଶ୍ୱ ତାପମାତ୍ରା ବ୍ୟତୀତ ପୃଥିବୀର ଆଭ୍ୟନ୍ତରୀଣ ଉତ୍ସର ଦ୍ରୁତ ପ୍ରଭାବ ଜାଣିବାକୁ ପାଇଛନ୍ତି । ବୈଜ୍ଞାନିକମାନେ ବହୁ ପୂର୍ବରୁ ସନ୍ଦେହ କରୁଥିଲେ ଯେ ପୃଥିବୀର ପ୍ରାକୃତିକ ଉତ୍ତାପ ଏହି ଅଞ୍ଚଳର ପୃଷ୍ଠକୁ ସ୍ପର୍ଶ କରୁଛି । ଏହା ସମ୍ଭବତଃ ପଶ୍ଚିମ ଆଣ୍ଟାର୍କଟିକା, ଯେଉଁଥିରେ ଥ୍ୱାଇଟ ଅନ୍ତର୍ଭୁକ୍ତ, ଏକ ଟେକ୍ଟୋନିକ ପ୍ଲେଟରେ ଅଛି ଯାହା ପୂର୍ବ ଆଣ୍ଟାର୍କଟିକାଠାରୁ ବହୁତ ପତଳା ଓ ବହୁତ ସାନ ଅଟେ । ପଶ୍ଚିମ ଆଣ୍ଟାର୍କଟିକାର ଭୂତଳ ମାତ୍ର ୧୭ ରୁ ୨୫ କିଲୋମିଟର ମୋଟା ହୋଇଥିବାବେଳେ ପୂର୍ବ ଭାଗ ୪୦ ମିଟର ମୋଟା। ଏହି କାରଣରୁ, ଆଣ୍ଟାର୍କଟିକାର ଅନେକ ଭୂମି ସମୁଦ୍ର ପତନଠାରୁ ଦୁଇ କିଲୋମିଟର ତଳେ ଆରମ୍ଭ ହୁଏ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ୧୭ ରୁ ୨୫ କିଲୋମିଟର ମୋଟା ମଧ୍ୟରେ ପୃଥିବୀର ଭୂତଳ ୧୫୦ ମିଲିୱାଟ ବର୍ଗ ଧାରଣ କରିଥାଏ। ଜିଓର୍ଥାଲ ଉତ୍ତାପ ପ୍ରତି ମିଟର ପ୍ରବାହିତ ହୋଇପାରେ। ତେଣୁ ଏହା ଗ୍ଲେସିୟରର ତରଳିବାର ହାର ବଢ଼ାଇପାରେ। ଗ୍ଲେସିୟର ତଳେ ଥିବା ତାପମାତ୍ରା ଅନେକ କାରଣ ଉପରେ ନିର୍ଭର କରେ ଯେପରିକି ଜମି କେତେ କଠିନ, ଏଥିରେ କେତେ କଠିନ ପଥର କିମ୍ବା ଜଳ ଅବସାଦ ରହିଛି। ଜଳ ଉତ୍ତାପର ଏକ ଭଲ କଣ୍ଡକ୍ଟର ଭାବରେ କାର୍ଯ୍ୟ କରେ। କିନ୍ତୁ ଏହା ଗ୍ଲେସିୟରରେ ପହଞ୍ଚିବା ପୂର୍ବରୁ ଉତ୍ତାପ ବିସ୍ତାର କରେ। ବିଗତ କିଛି ଦଶନ୍ଧି ମଧ୍ୟରେ ବରଫ ତରଳିବାର ସ୍ତର ଉପରେ ଅନେକ ଗବେଷଣା ଚେତାବନୀ ଦେଇଛି। ଯେତେବେଳେ ଏହି ଗ୍ଲେସିୟର ତରଳିଯାଏ, ଏହା ବିଶ୍ୱର ଅନେକ ଛୋଟ ଦ୍ୱୀପ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ବୁଡ଼ାଇବାର କ୍ଷମତା ରଖିଥାଏ। ପୃଥିବୀରେ ପ୍ରଥମେ ହିମ ବା ବରଫ ଯୁଗ ଥିଲା। ଯେତେବେଳେ ଥଣ୍ଡା ଜଳବାୟୁ ଯୋଗୁଁ ପୃଥିବୀର ଅଧିକାଂଶ ଭାଗ ବରଫ ଆଚ୍ଛାଦିତ ଥିଲା। ତା'ପରେ ଉଷ୍ଣ ଯୁଗ ଆସିଲା । ତା'ପରେ ପୁଣି ବରଫ ଯୁଗ ଆସିଲା। ନିୟୁତ ନିୟୁତ ବର୍ଷ ଧରି ଏଭଳି ଭାବରେ ପୃଥିବୀର ଜଳବାୟୁ ଚାଲୁଛି। ଲାମ୍ବା ହିମ ବା ବରଫ ଯୁଗ ଏବଂ ତାପରେ ସ୍ୱଳ୍ପ ଉଷ୍ଣ ଯୁଗ। ବରଫ ଯୁଗ ପରେ ମଧ୍ୟ ତାପମାତ୍ରା ବଦଳେ । ବୈଜ୍ଞାନିକମାନେ ମତପୋଷଣ କରନ୍ତି ଯେ, ପୃଥିବୀର ଜଳବାୟୁ ବରାବର ବଦଳେ। ଯେତେବେଳେ ପୃଥିବୀକୁ ସୂର୍ଯ୍ୟରୁ ଆସୁଥିବା ଉତ୍ତାପ କମିଯାଏ, ସେତେବେଳେ ହିମ ଯୁଗ ଆସେ। ଏହାର କାରଣ ହେଲା ପୃଥିବୀର ଅକ୍ଷ ବେଶି ଢଳିବା, ପୃଥିବୀର ଘୂର୍ଣ୍ଣନର ପରିବର୍ତ୍ତନ ହେବା ଏବଂ ପୃଥିବୀର ପରିକ୍ରମା କକ୍ଷ ଲମ୍ବାକୃତି ହେବା। ବର୍ତ୍ତମାନ ୨୯୦ ନିୟୁତ ବର୍ଷ ପୂର୍ବେ ଥିବା ପୃଥିବୀର ହିମ ଯୁଗର ସନ୍ଧାନ ମିଳିଅଛି । ଗତ ୨ ନିୟୁତ ବର୍ଷ ମଧ୍ୟରେ ଚାରୋଟି ବୃହତ ବରଫ ଯୁଗ ଅତିବାହିତ ହୋଇଛି। ବରଫ ଯୁଗ କାଳରୁ ଉତ୍ତର ଓ ଦକ୍ଷିଣ ମେରୁରେ ବରଫମାନ ରହିଅଛି । ବିଗତ ବରଫ ଯୁଗରେ ପୃଥିବୀରେ ବିରାଟକାୟ ଲୋମଭରା ଜନ୍ତୁମାନେ ଥିଲେ । ହାତୀ ସେ ସମୟରେ ବିରାଟ ଲୋମକାୟ ଜନ୍ତୁ ଥିଲା। ୬୫ ନିୟୁତ ବର୍ଷ ପୂର୍ବେ ଜଳବାୟୁ ପରିବର୍ତ୍ତନ ହେବା ଫଳରେ ବିରାଟକାୟ ଡାଇନୋସରସ୍ ଭଳି ଜନ୍ତୁମାନେ ମରିଗଲେ । ସେହିପରି ୧୪୦ ନିୟୁତ ବର୍ଷ ପୂର୍ବେ ଥିବା ସାପ ଓ ଝିଟିପିଟି ଜାତୀୟ ବିରାଟକାୟ ଜୀବ ଲୋପ ପାଇଲେ । ପୃଥିବୀରେ ଯେତେ ସବୁ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ହିଁ ମଣିଷ । ଏକଥା କହିବା ଅନାବଶ୍ୟକ ଯେ ମଣିଷ ହିଁ ସମସ୍ୟା ସୃଷ୍ଟି କରେ ଓ ତା'କୁ ସମାଧାନ କରିବାକୁ ଚେଷ୍ଟାକରେ ମାତ୍ର ସେ ଭାବି ପାରିନଥାଏ ଯେ ସବୁ ସମସ୍ୟାର ସମାଧାନ ତା'ହାତରେ ନାହିଁ ବୋଲି । ଏଭଳି ମନୁଷ୍ୟକୃତ କାରଣ ମାନଙ୍କ ମଧ୍ୟରୁ ଜଳବାୟୁ ପରିବାର୍ତ୍ତନର ମୁଖ୍ୟଭୂମିକା ଗ୍ରହଣ କରିଥିବା କାରକ ହେଉଛି ପରିବେଶ ପ୍ରଦୂଷଣ ଓ ତତ୍ଜନିତ ସବୁଜଗୃହ ବାଷ୍ପ । ଯେଉଁ ଯେଉଁ ଉତ୍ପତ୍ତିସ୍ଥଳରୁ ଏହି ଗ୍ୟାସ ସମୂହ ବାହାରୁଛି ତାହାର ମୁଖ୍ୟ ପ୍ରଯୋଜକ ହିଁ ମଣିଷ । ମଣିଷ ମାନେ ପ୍ରତିଦିନ ଏହି ଗ୍ୟାସ ବୃଦ୍ଧିରେ ସହାୟକ ହେଉଛନ୍ତି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ, ମିଥେନ, ନାଇଟ୍ରସ ଅକ୍ସାଇଡ ଆଦି ସବୁଜଗୃହ ପ୍ରଭାବ ସୃଷ୍ଟିକାରୀ ଗ୍ୟାସର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଶିଳ୍ପ ବିପ୍ଳବ ପରଠାରୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ୩୦ ପ୍ରତିଶତ ବୃଦ୍ଧି ପାଇଛି। ଆମେରିକା, ଋଷ, ଚୀନ, ଜାପାନ ଓ ଭାରତ ବିଶ୍ୱରେ ସବୁଠାରୁ ଅଧିକଗୃହ ଗ୍ୟାସ ସୃଷ୍ଟି କରୁଛନ୍ତି। ଏହି ଗ୍ୟାସ ଯୋଗୁଁ ବାୟୁମଣ୍ଡଳୀୟ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାରିବାରେ ଲାଗିଛି। ଏହାର ପ୍ରଭାବ ଯୋଗୁଁ ଶୀତଦିନେ ମଧ୍ୟ ତାପମାତ୍ରା ଯଥେଷ୍ଟ ଉଚ୍ଚରେ ରହୁଛି। ଏସବୁକୁ ନିରୀକ୍ଷା କଲେ ଜଣାଯାଏ ଯେ ଏହି ହିମ ପର୍ବତର ତରଳିବା ତିବ୍ରତାକୁ ଯଦି ରୋକା ନ ଯିବ ତେବେ ଏ ପୃଥିବୀର ପ୍ରଳୟ ଆସିବାକୁ କେହି ରୋକି ପାରିବେ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ୬ ରନ୍‌ରେ ହରାଇଲା ରାଜସ୍ଥାନ ରୟାଲ୍ସ



**ଗୌହାଟୀ**

ଆଇପିଏଲ୍‌ର ୧୧ତମ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବାଜି ମାରିଲା ରାଜସ୍ଥାନ ରୟାଲ୍ସ । ରୋମାଞ୍ଚକର ମ୍ୟାଚ୍‌ରେ ରାଜସ୍ଥାନ ୬ ରନରେ ଚେନ୍ନାଇକୁ ହରାଇଛି । ଏଥିସହ ରାଜସ୍ଥାନ ଚଳିତ ଆଇପିଏଲ୍ ସିଜିନରେ ନିଜର ପ୍ରଥମ ବିଜୟ ହାସଲ କରିଛି । ଚେନ୍ନାଇ ପ୍ରଥମ ମ୍ୟାଚ୍ ଜିତିବା ପରେ ଲଗାତାର ଦ୍ୱିତୀୟ ପରାଜୟ ଭୋଗିଛି । ରାଜସ୍ଥାନ ରୟାଲ୍ସ ଦ୍ୱାରା ଧାର୍ଯ୍ୟ ୧୮୩ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଚେନ୍ନାଇ ୬ ୱିକେଟ୍ ହରାଇ ୧୭୬ ରନରେ ସୀମିତ ରହିଥିଲା । ଅଧିନାୟକ ଋତୁରାଜ ଗାଏକ୍ୱାଡ଼ଙ୍କ ୬୩ ରନ ଇନିଂସ ବୃଥା ହୋଇଛି । ରବୀନ୍ଦ୍ର ଜାଡ଼େଜା ୩୨ ରନରେ ଅପରାଜିତ ଥିଲେ । ଏହା ପୂର୍ବରୁ ରାଜସ୍ଥାନ ନୀତିଶ ରାଣାଙ୍କ ୮୧ ରନର ବିଧ୍ୱଂସୀ ଇନିଂସ ବଳରେ ୧୮୨ ରନ କରିଥିଲା ।

# ହାଇଦ୍ରାବାଦକୁ ୭ ୱିକେଟରେ ହରାଇ ଦ୍ୱିତୀୟ ବିଜୟ ହାସଲ କଲା ଦିଲ୍ଲୀ

**ବିଶାଖାପଟନମ**

ବିଶାଖାପାଟଣାରେ ରବିବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ଏକ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ସନରାଇଜର୍ସ ହାଇଦ୍ରାବାଦ (ଏସଆରଏଚ୍)କୁ ହରାଇଛି । ଦିଲ୍ଲୀ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ବେଳେ ହାଇଦ୍ରାବାଦ ନିଜର ତୃତୀୟ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ଭୋଗିଛି । ୧୬୪ ରନ ବିଜୟ ଲକ୍ଷ୍ୟ ପିଛା କରି ଦିଲ୍ଲୀ ୧୬ ଓଭରରେ ୩ ୱିକେଟ୍ ହରାଇ ସହଜରେ ହାସଲ କରିନେଇଛି । ଦଳ ପକ୍ଷରୁ ଫାଫ୍ ଡୁପ୍ଲେସିସ୍ ସର୍ବାଧିକ ୫୦ ରନ କରିଥିବା ବେଳେ ଅଭିଷେକ ପୋରେଲ ୩୪ ରନ ଓ ଟ୍ରିଷ୍ଟନ ଟବ୍ସ ୨୧ ରନ କରି ଅପରାଜିତ ଥିଲେ । ଏହା ପୂର୍ବରୁ ହାଇଦ୍ରାବାଦ ଅନିକେତ ବର୍ମାଙ୍କ ୭୪ ରନ ବଳରେ ୧୮.୪ ଓଭରରେ ୧୬୩ ରନ କରି ପାରିଥିଲା । ବିଜୟ ସହ ଦିଲ୍ଲୀ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଥିବା ବେଳେ ଷଷ୍ଠକୁ ଖସି ଆସିଛି ହାଇଦ୍ରାବାଦ । ବୋଲିଂରେ ମିଚେଲ୍ ଷ୍ଟାର୍କ ୫ ୱିକେଟ୍ ନେଇ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି ।



୧୬୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦିଲ୍ଲୀକୁ ଦମ୍‌ଦାର ଆରମ୍ଭ ଦେଇଥିଲେ ଦୁଇ ଓପନର ଫାଫ ଡୁ ପ୍ଲେସିସ୍ ଓ ଜେକ୍ ଫ୍ରେଜର ମ୍ୟାକ୍‌ଗର୍ଗ । ବିଶେଷ କରି ଡୁପ୍ଲେସିସ୍ ଧୂଆଁଧାର ବ୍ୟାଟିଂ କରିଥିଲେ । ଦୁହେଁ ପ୍ରଥମ ୱିକେଟ୍‌ରେ ୮୧ ରନ ଯୋଡ଼ି ଦଳର ବିଜୟ ସହଜ କରିଥିଲେ । ଡୁପ୍ଲେସିସ୍ ୨୭ ବଲରୁ ୩ ଚୌକା ଓ ୩ ଛକା ସହ ୫୦ ରନ କରିଥିଲେ । ଅନ୍ୟପଟେ କ୍ରିଜ୍‌ରେ ସଂଘର୍ଷ କରୁଥିବା ଫ୍ରେଜର ୩୨ ବଲରୁ ୩୮ ରନ କରି ପାଭିଲିୟନ ଫେରିଥିଲେ । ମଧ୍ୟକ୍ରମରେ କେଏଲ ରାହୁଲ ୧୫ ରନ କରି ଆଉଟ୍ ହୋଇଥିଲେ ।

ଏହାପରେ ଅଭିଷେକ ପୋରେଲ ଓ ଟ୍ରିଷ୍ଟନ ଟବ୍ସ ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ । ଦୁଇ ବ୍ୟାଟର ଅବିଭାଜିତ ଚତୁର୍ଥ ୱିକେଟ୍‌ରେ ୫୧ ରନ ଯୋଡ଼ି ଦଳକୁ ୨୪ ବଲ ପୂର୍ବରୁ ବିଜୟୀ କରାଇଛନ୍ତି । ପୋରେଲ୍ ମାତ୍ର ୧୮ ବଲରୁ ୨ ଚୌକା ଓ ୨ ଛକା ସହ ୩୪ ରନ ଓ ଷ୍ଟବ୍ସ ୨୧ ରନ କରି ଅପରାଜିତ ଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ଏସଆରଏଚର ଆରମ୍ଭ ନୈରାଶ୍ୟ ଜନକ ଥିଲା । ୧୧ ରନ ସ୍କୋରରେ ଅଭିଷେକ ଶର୍ମା(୧ ରନ), ୨୦ ରନ ସ୍କୋରରେ ଇଶାନ କିଶନ(୨) ଓ ୨୫ ରନ ସ୍କୋରରେ ନୀତିଶ ରେଡ୍ଡୀ(୦) ଆଉଟ୍ ହୋଇଥିଲେ । ଏହା ପରେ ଫର୍ମରେ ଥିବା ଟ୍ରେଭିସ ହେଡ୍ ୨୨ ରନ କରି ଆଉଟ୍ ହୋଇଥିଲେ । ୩୭ ରନରେ ୪ ୱିକେଟ୍ ହରାଇ ମୁସ୍କିଲରେ ପଡ଼ିଥିବା ଏସଆରଏଚ ଇନିଂସକୁ ସମ୍ଭାଳିଥିଲେ ଅନିକେତ ବର୍ମା । ଅନିକେତ ଓ ହେନରିକ କ୍ଲାସେନ ଦ୍ରୁତ ବ୍ୟାଟିଂ କରି ଦଳର ସ୍କୋରକୁ ୧୦୦ ପାର କରାଇଥିଲେ । ଦୁହେଁ ୫ମ ୱିକେଟ୍ ପାଇଁ ୭୭ ରନ ଯୋଡ଼ିଥିଲେ । କ୍ଲାସେନ ୧୯ ବଲରୁ ୩୨ ରନର ଉପଯୋଗୀ ରନ କରିଥିଲେ ।

ଗୋଟିଏ ପଟେ ୱିକେଟ୍ ଖସି ଚାଲିଥିଲେ ହେଁ ଅନିକେତ ବିସ୍ଫୋରକ ବ୍ୟାଟିଂ ଜାରି ରଖିଥିଲେ । ନିମ୍ନକ୍ରମରେ କୌଣସି ବ୍ୟାଟର କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ । ଅନିକେତ ୪୧ ବଲରୁ ୫ ଚୌକା ଓ ୬ ଛକା ସହ ୭୪ ରନର ଦମ୍‌ଦାର ଇନିଂସ ଖେଳିଥିଲେ । ଫଳରେ ଏସଆରଏଚ ୧୬୩ ରନ ସ୍କୋରରେ ପହଞ୍ଚି ପାରିଥିଲା । ଦଳ ୧୮.୪ ଓଭରରେ ଅଲଆଉଟ୍ ହୋଇଥିଲା ।

ଦିଲ୍ଲୀ ପକ୍ଷରୁ ମିଚେଲ୍ ଷ୍ଟାର୍କ ଶାଣିତ ବୋଲିଂ କରିଥିଲେ । ସେ ନିଜ ଆଇପିଏଲ୍ କ୍ୟାରିୟରରେ ସର୍ବଶ୍ରେଷ୍ଠ ବୋଲିଂ କରି ପ୍ରଥମ ଥର ୫ ୱିକେଟ୍ ଅକ୍ତିକାର କରିଥିଲେ । କୁଳଦୀପ ଯାଦବ ୨୨ ରନ ଦେଇ ୩ଟି ୱିକେଟ୍ ନେଇଥିଲେ ।

# ଆଇପିଏଲ ପଏଣ୍ଟ ଟେବୁଲ୍‌ରେ ଲମ୍ବ ଡିଆଁ ମାରିଲା ଗୁଜରାଟ



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳାଯାଇଛି । ଏଥିରେ ୮ ଦଳ ବିଜୟ ସହ ଖାତା ଖୋଲିଛନ୍ତି । ସିଜିନର ୯ମ ମ୍ୟାଚ୍‌ରେ ଗୁଜରାଟ ମୁମ୍ବାଇ ବିପକ୍ଷରେ ଏକ ଚମତ୍କାର ବିଜୟ ହାସଲ କରିଛି । ଏହା ଚଳିତ ସିଜିନରେ ଗୁଜରାଟର ପ୍ରଥମ ବିଜୟ ଥିଲା । ଗୁଜରାଟର ଏହି ବିଜୟର ପ୍ରଭାବ ପଏଣ୍ଟ ଟେବୁଲରେ ଦେଖାଯାଇଛି । ଯେଉଁଠାରେ ଗୁଜୁରାଟ ଟାଇଟନ୍ସ ଲମ୍ବା ଡିଆଁ ମାରିଛି । ମ୍ୟାଚ୍ ପୂର୍ବରୁ ଗୁଜରାଟ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ଥିଲା । କିନ୍ତୁ ମୁମ୍ବାଇକୁ ପରାସ୍ତ କରିବା ପରେ ଦଳକୁ ବହୁତ ଲାଭ ମିଳିଛି । ଦଳ ସିଧାସଳଖ ତୃତୀୟ ନମ୍ବରରେ ପହଞ୍ଚିଛି । ଏହା ବ୍ୟତୀତ ତାଙ୍କର ନେଟ୍ ରନ ରେଟ୍ ଭଲ ରହିଛି । ମ୍ୟାଚ୍ ପୂର୍ବରୁ ଗୁଜରାଟ ନେଟ୍ ରନ୍ ରେଟ୍ -୦.୫୫୦ ଥିଲା, ଯାହା ଏବେ ୦.୬୨୫ ହୋଇଛି । ଅନ୍ୟପକ୍ଷରେ ଏହି ପରାଜୟ ପରେ ମୁମ୍ବାଇକୁ ମଧ୍ୟ ପଏଣ୍ଟ ଟେବୁଲରେ ଝଟ୍‌କା ଲାଗିଛି । ସେ ୮ମ ସ୍ଥାନରୁ ୯ମ ସ୍ଥାନକୁ ଉନ୍ନୀତ ହୋଇଛି । ଏହା ସହିତ ତାଙ୍କର ନେଟ୍ ରନ୍ ରେଟ୍ -୧.୧୬୩ ହୋଇଯାଇଛି, ଯାହା ପୂର୍ବରୁ -୦.୪୯୩ ଥିଲା ।

ଏଥର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏକ ଭଲ ଆରମ୍ଭ କରିଛି । ଏହା ଏହାର ଦୁଇଟି ପ୍ରଥମ ମ୍ୟାଚ୍ ଜିତିଛି, ଯାହା ଫଳରେ ଏହା ୨.୨୬୬ ନେଟ ରନ୍ ରେଟ ଏବଂ ୪ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି । ସେହିପରି ଲକ୍ଷ୍ନୌ ଦଳ ଦୁଇଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟ ସହିତ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ଅଛି । ଅନ୍ୟପକ୍ଷରେ ପଞ୍ଜାବ କିଙ୍ଗସ ତୃତୀୟ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି । ଦିଲ୍ଲୀ ମଧ୍ୟ ୧ ମ୍ୟାଚରେ ବିଜୟ ସହିତ ୫ମ ସ୍ଥାନରେ ଅଛି ।

ସନରାଇଜର୍ସ ହାଇଦ୍ରାବାଦ ବର୍ତ୍ତମାନ ୬ଷ୍ଠ ସ୍ଥାନରେ ଅଛି । ସେ ଏକ ଦୃଢ଼ ବିଜୟ ସହିତ ସିଜିନ ଆରମ୍ଭ କରିଥିଲେ । କିନ୍ତୁ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ଏହାକୁ ଲକ୍ଷ୍ନୌ ଦଳ ବିପକ୍ଷରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଡିଫେଣ୍ଡିଂ ଚାମ୍ପିଅନ କୋଲକାତା ନାଇଟ ରାଇଡର୍ସ ବିଷୟରେ କହିବାକୁ ଗଲେ, ଏହା ବର୍ତ୍ତମାନ ୭ମ ସ୍ଥାନରେ ଅଛି । ସେ ୨ଟି ମ୍ୟାଚ୍ ଖେଳି ଗୋଟିଏ ମ୍ୟାଚ୍ ଜିତିଛନ୍ତି । ଉଭୟ ଦଳ ମଧ୍ୟ ୨ ମ୍ୟାଚ୍‌ରୁ ୧ ବିଜୟ ସହିତ ୮ମ ସ୍ଥାନରେ ଅଛି । ଅନ୍ୟପକ୍ଷରେ, ରାଜସ୍ଥାନ ରୟାଲ୍ସ ବର୍ତ୍ତମାନ ପଏଣ୍ଟ ଟେବୁଲର ସବୁଠାରୁ ନିମ୍ନରେ ଅଛି ।

# ଏନ୍‌ସିଏ ଏଲିଟ୍ କ୍ୟାମ୍ପ୍‌ରେ ଓଡ଼ିଶାରୁ ୪



**ଭୁବନେଶ୍ୱର**

ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମି (ଏନ୍‌ସିଏ) ପକ୍ଷରୁ ଆୟୋଜିତ ହେବାକୁ ଥିବା ଏନ୍‌ସିଏ ୧୬ବର୍ଷରୁ କମ୍ ବାଳକ ଏଲିଟ୍ ପ୍ରଶିକ୍ଷଣ ଶିବିର ଲାଗି ଓଡ଼ିଶାର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି । ବିଜୟ ମର୍ଚ୍ଚାଣ୍ଟ ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ସେମାନଙ୍କୁ ଏହି ସମ୍ମାନଜନକ ଶିବିର ଲାଗି ଡାକରା ମିଳିଛି । ଖେଳାଳିମାନେ ହେଲେ ମହେଶ କେ. ସାହୁ, ପାନକଳା ମୋଖିତ, ସ୍ୱାଗତ ସୌରଭ ମିଶ୍ର ଓ ରାଜ ଯାଦବ ।

ତାମିଲନାଡୁର ସଲେମଠାରେ ଆୟୋଜିତ ହେବାକୁ ଥିବା ଟିମ୍- ଏ' ପ୍ରଶିକ୍ଷଣ ଶିବିରରେ ମହେଶ, ପାନକଳା ଜୟପୁରରେ ଆୟୋଜିତ ହେବାକୁ ଥିବା ଟିମ୍-ବି' ଏବଂ ସ୍ୱାଗତ ଓ ରାଜ୍ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ହେବାକୁ ଥିବା ଟିମ୍-ଡି' ପ୍ରଶିକ୍ଷଣ ଶିବିରରେ ଯୋଗଦେବେ । ଏହି ଶିବିର ଏପ୍ରିଲ ୮ରୁ ୧୪ ମେ ପର୍ଯ୍ୟନ୍ତ ଆୟୋଜିତ ହେବ । ଏଥିଲାଗି ମହେଶ, ପାନକଳା, ସ୍ୱାଗତ ଓ ରାଜ୍‌କୁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସଂପାଦକ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ।

# ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ଜରିମାନା ଲଗାଇଲା ବିସିସିଆଇ

**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ର ୯ମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମର ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯାଇଥିଲା । ଏଥର୍‌ରେ ମୁମ୍ବାଇ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ଏହା ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଏହି ସିଜିନର ପ୍ରଥମ ମ୍ୟାଚ୍ ଥିଲା । କିନ୍ତୁ ଏହି ମ୍ୟାଚ୍‌ରେ ତାଙ୍କ ପକ୍ଷରୁ ଏକ ବଡ଼ ଭୁଲ ହୋଇଯାଇଥିଲା । ଯେଉଁଥିଲାଗି ବିସିସିଆଇ ତାଙ୍କ ବରିରୋଧେର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଲକ୍ଷ ଲକ୍ଷ ଟଙ୍କା ଜରିମାନା ଲଗାଇଛି ।

ଶନିବାର ଖେଳାଯାଇଥିବା ମ୍ୟାଚ୍ ସମୟରେ ମୁମ୍ବାଇ ଅଧିନାୟକ ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ଜରିମାନା ଲଗାଯାଇଛି । ଏହି ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ପ୍ରଥମ ଅପରାଧ ଏବଂ ପାଣ୍ଡ୍ୟାଙ୍କୁ କେବଳ ଜରିମାନା ଦେବାକୁ ପଡ଼ିଛି । ଯାହାର ଅର୍ଥ ହେଲା ହାର୍ଦ୍ଦିକଙ୍କ ଉପରେ ୧୨ ଲକ୍ଷ



ଟଙ୍କା ଜରିମାନା ଲଗାଯାଇଛି । ଗତ ସିଜିନରେ ମଧ ହାର୍ଦ୍ଦିକଙ୍କଠାରୁ ଅନେକ ମ୍ୟାଚ୍‌ରେ ଏପରି ଭୁଲ ଦେଖିବାକୁ ମିଳିଥିଲା ।

ଆଇପିଏଲ ତା'ର ପ୍ରେସ୍ ରିଲିଜ୍‌ରେ କହିଛି, 'ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ଆଇପିଏଲ ୨୦୨୫ର ୯ ନମ୍ବର ମ୍ୟାଚ୍ ସମୟରେ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକଙ୍କ ଦଳ ଧୀର ଓଭରରେଟ୍ ବଜାୟ ରଖିବାରୁ ତାଙ୍କୁ ଜରିମାନା କରାଯାଇଛି । ଯେହେତୁ ଏହା ଆଇପିଏଲ ଆଚରଣ ସଂହିତାର ଧାରା ୨.୨ ଅନୁଯାୟୀ ସିଜନେର ତାଙ୍କ ଦଳର ପ୍ରଥମ ଅପରାଧ ଥିଲା, ଯାହା ସର୍ବନିମ୍ନ ଓଭରରେଟ୍ ଅପରାଧ ସହିତ ଜଡ଼ିତ, ତେଣୁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି ।'

ଗତ ସିଜିନରେ ମୁମ୍ବାଇର ଶେଷ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କୁ ସ୍ଲୋ ଓଭର ରେଟ୍ ଯୋଗୁ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଥିଲା । ଫଳରେ ସେ ଏହି ସିଜିନର ପ୍ରଥମ ମ୍ୟାଚ୍ ଖେଳିପାରିଲେ ନାହିଁ । କିନ୍ତୁ ଏବେ ଫେରିବା ପରେ ତାଙ୍କୁ ଏହି ବଡ଼ ଝଟ୍‌କା ଲାଗିଛି । ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଦଳ ନିର୍ଦ୍ଧାରିତ ସମୟରେ ୨୦ ଓଭର ବୋଲିଂ କରିପାରି ନଥିଲା । ଯାହା କାରଣରୁ ତାଙ୍କୁ ଗୁଜରାଟ ଇନିଂସର ଶେଷ ଓଭରରେ ଦଣ୍ଡ ଦିଆଯାଇଥିଲା । ଏହି ଓଭରରେ ତାଙ୍କୁ ୩୦ ୟାର୍ଡ ସର୍କଲରେ ଜଣେ ଅତିରିକ୍ତ ଫିଲ୍ଡର ରଖିବାକୁ ପଡ଼ିଲା ।

# ବଲାଙ୍ଗୀ ଟେଲେଣ୍ଟହଣ୍ଟ ମେଗା ଅଡିସନ : ଫାଇନାଲରେ ୩୬ ନୃତ୍ୟ ପ୍ରତିଯୋଗୀ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ଓଡ଼ିଆ ଭାଷା ସାହିତ୍ୟ, କଳା ସଂସ୍କୃତି ଏବଂ ପର୍ଯ୍ୟଟନର ସୁରକ୍ଷା ଏବଂ ବିକାଶ ନିମନ୍ତେ ବିଗତ ୨୦୦୩ ମସିହା ଠାରୁ ବାରିପଦାର ବାବା ବୁଢ଼ା ରାଉଳ ମଠ ନିକଟ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡ଼ି ନଦୀର ତ୍ରିବେଣୀ ସଙ୍ଗମ ପୀଠରେ ମୟୂରଭଞ୍ଜ ଜିଲ୍ଲାର ମହାନ ଗଣ ପର୍ବ ମୟୂରଭଞ୍ଜ ବାଲି ମେଳା ବଲାଙ୍ଗୀ ମହୋତ୍ସବ ପାଳିତ ହୋଇ ଆସୁଥିବା ବେଳେ, ଚଳିତ ଥର ୨୩ତମ ରାଜ୍ୟ ସ୍ତରୀୟ ବଲାଙ୍ଗୀ ମହୋତ୍ସବ-୨୦୨୫ ।

ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ଆସନ୍ତା ଏପ୍ରିଲ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ମୟୂରଭଞ୍ଜ ଜିଲ୍ଲାର ମହାନ ଗଣପର୍ବ ମୟୂରଭଞ୍ଜ ବାଲିମେଳା ବଲାଙ୍ଗୀ ମହୋତ୍ସବ



ପାଳିତ ହେବା ପରିପ୍ରେକ୍ଷୀରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବାରିପଦା ଡିଭାଇନ ଇଞ୍ଜିନିୟରିଂ କଲେଜ ପରିସରରେ ପ୍ରତିଭା ଚୟନ ପାଇଁ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ ବଲାଙ୍ଗୀ ଟେଲେଣ୍ଟହଣ୍ଟ ମେଗା ଅଡିସନ ଅନୁଷ୍ଠିତ ହୋଇଯାଇଛି ।

ଏହାର ଉଦ୍‌ଘାଟନୀ ଉତ୍ସବରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଅରବିନ୍ଦ ଦାସ, ସମାଜସେବୀ ରଜତ କୁମାର ପଣ୍ଡା, ଉପାଧ୍ୟକ୍ଷ ରାଜୀବ ଲୋଚନ ସେନାପତି, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ବଲାଙ୍ଗୀ ସେନାର ଅଧ୍ୟକ୍ଷ କୁମରେଶ ନାୟକ, ଉପାଧ୍ୟକ୍ଷ ମିଥୁନ ବାରିକ, ଉପଦେଷ୍ଟା ବଳରାମ ବେହେରା, ଅଶୋକ କୁମାର ପଲେଇ, ଉଦୟ ନାଥ ଜେନା ପ୍ରମୁଖ ଯୋଗଦେଇ ବଲାଙ୍ଗୀ ମହୋତ୍ସବର ଲକ୍ଷ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଅଡିସନରେ ସବ୍-ଜୁନିୟର, ଜୁନିୟର, ସିନିୟର ଏବଂ କ୍ଲାସିକାଲ ବର୍ଗରେ ଶତାଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବା ବେଳେ ବିଚାରକ ଭାବରେ ଜାମସେଦପୁରର ପ୍ରସିଦ୍ଧ ନୃତ୍ୟ କରିୟୋଗ୍ରାଫର ଏସ.କେ. ସାହିଲ ଏବଂ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଅରୂପାନନ୍ଦ ମହଲା ଯୋଗଦେଇ କଳାକାର ମାନଙ୍କୁ ମୂଲ୍ୟାୟନ କରିଥିଲେ । ଅଡିସନରେ କୃତକାର୍ଯ୍ୟ ହୋଇଥିବା ୩୬ ଜଣ ପ୍ରତିଯୋଗୀ ବଲାଙ୍ଗୀ ମହୋତ୍ସବ ମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ବଲାଙ୍ଗୀ ସେନାର ଦିଲ୍ଲୀପ ପାତ୍ର, ରମାକାନ୍ତ ରାଉତ, ପଦ୍ମନାଭ ମହାପାତ୍ର, ହେମନ୍ତ ବେହେରା, ଅଭିଷେକ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଅକ୍ଟୋବରରେ ଅଷ୍ଟ୍ରେଲିଆ ଗସ୍ତ କରିବ ରୋହିତ ବାହିନୀ

**ମେଲବୋର୍ଣ୍ଣ**

ଭାରତୀୟ କ୍ରିକେଟ ଦଳର ଚଳିତବର୍ଷ ପରବର୍ତ୍ତୀ ଭାଗରେ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ । ଦଳ ସେଠାରେ ୩ ଅନ୍ତର୍ଜାତୀୟ ଦିନିକିଆ ଓ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ । କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି ।

ଭ୍ରମଣକାରୀ ଦଳ ହ୍ୱାଇଟ୍‌ବଲ୍ ମ୍ୟାଚଗୁଡ଼ିକ ଅକ୍ଟୋବର ୧୯ରୁ ନଭେମ୍ବର ୮ ମଧ୍ୟରେ ଖେଳିବ । ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ଗୁଡ଼ିକ ଦିବାରାତ୍ର ଏବଂ ଟି୨୦ଗୁଡ଼ିକ ରାତିରେ ଖେଳାଯିବ । ୨୦୨୫-୨୦୨୬ ସିଜନରେ ପ୍ରଥମ ଥର ସମସ୍ତ ପୁରୁଷ ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକ ଅଷ୍ଟ୍ରେଲିଆର ୮ଟି ପ୍ରଦେଶରେ ଆୟୋଜନ କରାଯାଇଛି ।



ଟି୨୦ ସିରିଜ ବେଳେ କାନବେରା ଓ ହୋବାର୍ଟରେ ମ୍ୟାଚ୍ ଖେଳାଯିବ । ୨୦୨୩ ବିଶ୍ୱକପ୍ ଫାଇନାଲିଷ୍ଟ ଏହାର ୫୦ ଓଭର ବିଶିଷ୍ଟ ମ୍ୟାଚ୍‌ଗୁଡ଼ିକ ପର୍ଥ ଆଡିଲେଡ୍ ଓ ସିଡ୍‌ନୀରେ ଖେଳିବ । ନିୟମିତ ଭେନ୍ୟୁ ଏମ୍‌ସିଜି ଓ ଗାବା ବ୍ୟତୀତ ଗୋଲ୍ଡ କୋଷ୍ଟର କାରାରା ଷ୍ଟାଡିୟମରେ ଟି୨୦ ମ୍ୟାଚ୍ ଖେଳ ହେବ ।

ଗତ ୨୦୨୪-୨୫ରେ ପାଞ୍ଚ ଟେଷ୍ଟ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ବେଳେ ଅଷ୍ଟ୍ରେଲିଆରେ ରେକର୍ଡ ସଂଖ୍ୟକ ଦର୍ଶକ ଦେଖିବାକୁ ମିଳିଥିଲା । ତେଣୁ ଆଗାମୀ ସିରିଜ୍‌ରେ ମଧ୍ୟ ଅନୁରୂପ ଭିଡ଼ ଦେଖିବାକୁ ମିଳିବ ବୋଲି ଆଶା କରାଯାଉ ଥିବା କ୍ରିକେଟ ଅଷ୍ଟ୍ରେଲିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଟଡ୍ ଗ୍ରିନ୍ ବର୍ଗ ପ୍ରକାଶ କରିଛନ୍ତି ।

ଦିନିକିଆ ସିରିଜ କାର୍ଯ୍ୟସୂଚୀ– ଅକ୍ଟୋବର ୧୯: ପର୍ଥ ଷ୍ଟାଡିୟମ (ଦିବା/ରାତ୍ର) । ଅକ୍ଟୋବର ୨୩: ଆଡିଲେଡ୍ ଓଭାଲ (ଦିବା/ରାତ୍ର) । ଅକ୍ଟୋବର ୨୫: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଦିବା/ରାତ୍ର) ।

ଟି୨୦ ସିରିଜ- ଅକ୍ଟୋବର ୨୯: ମନୁକା ଓଭାଲ, କାନବେରା (ରାତି) । ଅକ୍ଟୋବର ୩୧: ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ରାତି) । ନଭେମ୍ବର ୨: ବେଲେରିଭ ଓଭାଲ, ହୋବାର୍ଟ (ରାତି) । ନଭେମ୍ବର ୬: ଗୋଲ୍ଡକୋଷ୍ଟ ଷ୍ଟାଡିୟମ (ରାତି) । ନଭେମ୍ବର ୮: ଗାବା, ବ୍ରିସ୍‌ବେନ (ରାତି) ।

# ସୋଲାର ଲାଇଟ୍ ପୋଷ୍ଟରେ କାର୍ ପିଟି ହୋଇ ଚାଳକ ଗୁରୁତର

**କେନ୍ଦୁଝର, ନ୍ୟୁଜ୍**

ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ବେପରୁଆ ଗାଡ଼ି ଚାଳନା ପାଇଁ ଫାଇନ ଆଦାୟ ସହିତ ଧରପଗଡ଼ ହେଉଥିବା ବେଳେ ଅନେକ ଦ୍ରୁତ ଗତିରେ ଗାଡ଼ି ଚଳାଇ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଅପରାହ୍ନରେ ଜଣେ କାର୍‌ଚାଳକ ନରଣପୁର ରେଳଷ୍ଟେସନ ପଛ ପାର୍ଶ୍ୱରେ ଥିବା ସାଇଡିଂରେ ଖୁବ୍ ଦ୍ରୁତ ଗତିରେ ରେସ ଲଗାଇ ଆସୁଥିବା ବେଳେ ଜିଲ୍ଲା ବିଜେପି କାର୍ଯ୍ୟାଳୟ ନିକଟରେ ଭାରସାମ୍ୟ ହରାଇ ଏକ ସୋଲାର ଲାଇଟ ପୋଷ୍ଟକୁ ଭାଙ୍ଗି ରାସ୍ତା କଡ଼କୁ ଗଳି ପଡ଼ିଥିଲା । ଏହି ଗାଡ଼ି ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଗାଡ଼ିଟି ଭାଙ୍ଗି ଚୁରମାର୍ ହୋଇଯାଇଛି । ସ୍ଥାନୀୟ ଲୋକେ ଚାଳକଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଥିଲେ । ପ୍ରତ୍ୟକ୍ଷଦର୍ଶୀ କହିବା ଅନୁସାରେ ଗାଡ଼ିଟି ଖୁବ୍ ଦ୍ରୁତଗତି ସହ ରେସ୍‌ର ମଜା ନେଉଥିଲେ । ରାସ୍ତାରେ ଯାଉଥିବା କିଛି ଲୋକ ଭୟରେ ରାସ୍ତା କଡ଼କୁ ଡେଇଁ ନିଜ ଜୀବନ ରକ୍ଷା କରିବା ପାଇଁ ଉଦ୍ୟମ କରିଥିଲେ ।



# ତୁର୍କୀ ପରଦାରେ ବିରାଟ କୋହଲି !



**ମୁମ୍ବାଇ**

କ୍ରିକେଟ୍ ସୁପରଷ୍ଟାର ବିରାଟ କୋହଲିଙ୍କ ଭଳି ଅବିକଳ ଦେଖାଯାଉଥିବା ଜଣେ ବ୍ୟକ୍ତିଙ୍କୁ ବିଶ୍ୱରେ ଚର୍ଚ୍ଚା । ଜଣେ ତୁର୍କୀ ଅଭିନେତା ଓ ବିରାଟଙ୍କ ଲୁକ୍ ମଧ୍ୟରେ ସମାନତାକୁ ନେଇ ସୋସିଆଲ ମିଡିଆରେ ଚହଳ ପଡ଼ିଛି । ତୁର୍କୀର ଐତିହାସିକ ଡ୍ରାମା 'ଏର୍ତୁଗ୍ରୁଲ'ରେ ଏହି ଅଭିନେତା ବିରାଟଙ୍କ ଭ୍ରମ ସୃଷ୍ଟି କରିଛନ୍ତି । ତାଙ୍କ ଲୁକ୍ ପୂରାପୂରି ବିରାଟଙ୍କ ସହ ମେଳ ଖାଉଛି । ସୂଚନାଯୋଗ୍ୟ, ଭାରତ ସମେତ ସାରା ବିଶ୍ୱରେ 'ଏର୍ତୁଗ୍ରୁଲ' ସିରିଜ୍‌ର ପ୍ରଶଂସକ ରହିଛନ୍ତି । ଜଣେ ରେଡିଟ୍ ୟୁଜର ଏହି ତୁର୍କୀ ଅଭିନେତାଙ୍କ ଫଟୋ ପୋଷ୍ଟ୍ କରିବା ପରେ ଖବରଟି ଶିରୋନାମା ହେଲା । ଫଟୋ ସହ ସେ ମଜାରେ କ୍ୟାପ୍‌ସନ ଲେଖିଲେ 'ଟିଭି ଶୋ'ରେ ଅନୁଷ୍କା ଶର୍ମାଙ୍କ ସ୍ୱାମୀଙ୍କର ଡେବ୍ୟୁ ।' ବିରାଟ ଓ ତୁର୍କୀ ଅଭିନେତାଙ୍କ ମଧ୍ୟରେ ଏହି ଅବିଶ୍ୱସନୀୟ ସମାନତା ଦେଖି ଅନେକ ୟୁଜର ଅଭିନେତାଙ୍କୁ ପ୍ରଥମେ ବିରାଟ ବୋଲି ଭାବିନେଲେ ।

# ଅନ୍ତର୍ଜାତୀୟ ସମବାୟ ଦିବସ ୨୦୨୫ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନ୍ତର୍ଜାତୀୟ ସମବାୟ ଦିବସ ୨୦୨୫ ପାଳନ ହୋଇଯାଇଛି । ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଡିଆରସିଏସ୍ ସନ୍ତୋଷ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଧାଂଶୁ ଶେଖର ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସମବାୟ ଦିବସରେ ମହିଳା ସଶକ୍ତି କରଣରେ ସମବାୟର ଭୂମିକା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ୩ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସୁଭଦ୍ରା ସ୍ୱୟଂ ସହାୟିକା ଗୋଷ୍ଠୀ, ବଜରଙ୍ଗବଳୀ ସ୍ୱୟଂ ସହାୟିକା ଗୋଷ୍ଠୀ, ହଜୁରେ ମୋଜାହିଦ ମିଲାଦ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ୧୧୮ ଗୋଟି କୃଷି ସମବାୟ ସମିତିର ସଂପାଦକ, ସଭାପତି, ଚାଷୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସହକାରୀ ଉପ ନିବନ୍ଧକ ଅଜୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘର ନିର୍ବାଚନ : ପ୍ରତାପ କୁମାର ସଭାପତି, ଗଦାଧର ସମ୍ପାଦକ ନିର୍ବାଚିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘର କୋର୍ଟ ପରିସରରେ ଥିବା ଏମିନିଟି ସେଣ୍ଟରର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓକିଲ ସଂଘର ସଭାପତି ଭାବେ ଆଇନଜୀବୀ ପ୍ରତାପ କୁମାର ପୁରୋହିତ ନିର୍ବାଚିତ ହୋଇଛନ୍ତି । ସକାଳ ୯ଟା ଠାରୁ ମଧ୍ୟାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହୋଇଥିଲା । ଅପରାହ୍ନ ୪ଟାରେ ଭୋଟ ଗଣତି ହୋଇ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ସୁଦ୍ଧ ନାରାୟଣ ସାହୁ ସଂଘର ନିର୍ବାଚନ ଫଳାଫଳ ଘୋଷଣା କରିଛନ୍ତି । ସୋନପୁର ବାର ଏସୋସିଏସନ ନିର୍ବାଚନରେ ୨୧୩ ଜଣ ଓକିଲ ନିଜ ନିଜ ମତାଦାନ ପ୍ରଦାନ କରିଛନ୍ତି । ପ୍ରତାପ କୁମାର ପୁରୋହିତ ୧୧୭ଟି ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଧାନ ଚନ୍ଦ୍ର ପାଣଗ୍ରାହୀ ୯୩ଟି ଭୋଟ ପାଇଛନ୍ତି । ୦୩ଟି ଭୋଟ ନାକଚ ହୋଇଯାଇଛି । ୧୧୦ଟି ଭୋଟ ପାଇ ସମ୍ପାଦକ ଭାବେ ଗଦାଧର ନେଗୀ ନିର୍ବାଚିତ ହୋଇଛନ୍ତି । ସେହିପରି ଉପ ସଭାପତି ଦଶରଥ ମିଶ୍ର ୧୨୦ଟି ଭୋଟ ପାଇ ନିର୍ବାଚିତ



ହୋଇଛନ୍ତି । ପ୍ରିୟଜିତ୍ ମିଶ୍ର ସହ ସମ୍ପାଦକ ଲାଇବ୍ରେରୀ ୧୪୬ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ସହ ସଂପାଦିକା ଭାବରେ ପ୍ରଣତି କୁମାର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବରେ ଓଁକାର ପ୍ରଧାନ, ଦାସ ଦିପ୍ତ ମହାପାତ୍ର, ଶମ୍ଭୁ ପ୍ରସାଦ ବିଶି ଓ ସନ୍ତୋଷ କୁମାର ନନ୍ଦ ମନୋନୀତ ହୋଇଛନ୍ତି । ସେହିପରି ସହ ନିର୍ବାଚନ ଅଧିକାରୀ ବୃନ୍ଦାବନ ମିଶ୍ର ,ଓ ଦୁଃଖୀ ରାମ ବାଘ କାର୍ଯ୍ୟ ନିର୍ବାହ କରିଥିଲେ । ଛବିଳ ମହାକୁଡ ଓ ଦାମୋଦର ଦାସ ସହଯୋଗ କରିଥିଲେ । ଚଳିତ ବର୍ଷ ନିର୍ବାଚନରେ ଜଣେ ଯୁବ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ଜିଲ୍ଲା ଓକିଲଙ୍କ ମହଲରେ ଖୁସି ଖେଳିଯାଇଛି ।

# ଜନ୍ମମାଟିରେ ଅଭିନେତା ଉତ୍ତମଙ୍କ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ମାଟିର ସୁଯୋଗ୍ୟ ସନ୍ତାନ ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଅଭିନେତା ଉତ୍ତମ ମହାନ୍ତିଙ୍କ ସ୍ମୃତିରେ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ବଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖ ରଥ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ । ମୟୂରଭଞ୍ଜ ମହୋତ୍ସବ କମିଟିର ପ୍ରଥମ ଅଧ୍ୟକ୍ଷ ସ୍ୱର୍ଗତ ଉତ୍ତମ ମହାନ୍ତି ବିୟୋଗରେ ତାଙ୍କ ଜନ୍ମ ମାଟିରେ ଜାତି, ଧର୍ମ, ବର୍ଣ୍ଣ, ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ନେଇ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ପରେ ଜିଲ୍ଲାର ଉତ୍ତମ ପ୍ରେମୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସ୍ମୃତିଚାରଣ କରିଥିଲେ । ଉତ୍ତମଙ୍କ ବଡ଼ଭାଇ ଅଶୋକ ମହାନ୍ତି, ନାଟ୍ୟକାର ଧୀର ବସା, ଅଭିନେତା ସ୍ୱରାଜ ବାରିକ, ଜିଲ୍ଲା ଓକିଲ ସଂଘର



ସଭାପତି ବିଭୁପ୍ରସାଦ ଦାସ, ବହଡ଼ାଗୋଡ଼ାର ପୂର୍ବତନ ବିଧାୟକ କୁନାଲ ଷଡ଼ଙ୍ଗୀ, ଶରତ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ଦାସ, ପ୍ରୀତିଶ ବସା, ଶ୍ୟାମସୁନ୍ଦର ଦାସ,ବାମନଘାଟି ସାଂସ୍କୃତିକ ପରିଷଦର ଆବାହକ ସୌରଭ ପଟ୍ଟନାୟକ, ଯୋଗେନ୍ଦ୍ର ପଣ୍ଡା, କୁଞ୍ଜବନ ପୃଷ୍ଟି, ସଞ୍ଜୟ ଚୌଧୁରୀ, ପଦ୍ମନାଭ ସାହୁ, ଡ. ପୁଷ୍ପି ପାତ୍ର, ପଣ୍ଡିତ ଭାଗବତ ପଣ୍ଡା, ଦିଲ୍ଲୀପ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମ ସ୍ଥଳରେ ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଅଭିନିତ ଚଳଚିତ୍ରର ବ୍ୟାନର ପ୍ରଦର୍ଶନ ସହିତ ଏଲଇଡି ସ୍କ୍ରିନ୍‌ରେ ଏକ କ୍ଷୁଦ୍ର ଭିଡିଓ ପ୍ରଦର୍ଶିତ ହୋଇଥିଲା । ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ସୁପୁତ୍ର ଚିତ୍ରଭାନୁ ମହାନ୍ତିଙ୍କ ଟିମ୍ (ଗୀତସାଗର ମ୍ୟୁଜିକାଲ ସନ୍ଧ୍ୟା)ରେ ଉତ୍ତମଙ୍କ ଚଳଚ୍ଚିତ୍ର ସଙ୍ଗୀତ ପରିବେଷଣ ସମସ୍ତଙ୍କ ମନ ମୋହି ଥିଲା । ଅଧ୍ୟାପକ ରଣଜିତ ଓ ଖୁସି ମଞ୍ଚ ପରିଚାଳନା କରିଥିଲେ । ମୟୂରଭଞ୍ଜ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବର୍ଷୀଆନ ଅଭିନେତା ଅସିତ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଭାପତି ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ତଥା ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ ଏବଂ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ, ତାପସ ପାଢ଼ୀ, ରାକେଶ କୁମାର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ ବୋଲି ମହୋତ୍ସବ କମିଟିର ମୁଖପାତ୍ର ସତ୍ୟଜିତ ସୋମ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# କଣ୍ଟାବାଞ୍ଜି ଓକିଲ ସଂଘର ପ୍ରଫୁଲ୍ଲ ସଭାପତି, ମନୋଜ ସମ୍ପାଦକ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ଓକିଲ ସଂଘ ନିର୍ବାଚନରେ ସଭାପତି ଭାବେ ଆଇନଜୀବୀ ପ୍ରଫୁଲ୍ଲ ନାୟକ ଓ ବ୍ରଜଶ୍ୟାମ ଗୁରୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବା ବେଳେ ଶ୍ରୀ ନାୟକ ବିଜୟୀ ହୋଇଥିଲେ । ସେହିପରି ସମ୍ପାଦକ ଭାବେ ମନୋଜ ଦାସ ଓ ଏସ୍. ଜଗନ୍ନାଥ ରାଓଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଏଥିରେ ଶ୍ରୀ ଦାସ ବିଜୟୀ ହୋଇ ଥିଲେ । ସହସମ୍ପାଦକ ଭାବେ ବିବେକ ଶର୍ମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥଲେ ।



31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ମାର୍ଚ୍ଚ ୨୦୨୫ ସୋମବାର





# ରାଜ ଭବନରେ ରାଜସ୍ଥାନ ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳିତ

## ଏହା "ବିବିଧତା ମଧ୍ୟରେ ଏକତା" ଏବଂ "ଏକ ଭାରତ ଶ୍ରେଷ୍ଠ ଭାରତ" ଭାବନାକୁ ସୁଦୃଢ଼ କରିବ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକ ଉତ୍ସବ ମୁଖରିତ ପରିବେଶରେ ଆଜି ରାଜଭବନରେ ରାଜସ୍ଥାନ ରାଜ୍ୟର ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସୁଖ ସମୃଦ୍ଧି କାମନା କରିଛନ୍ତି। ରାଜଭବନର ପାର୍ଟି ଲନ୍‌ରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ରାଜ ଭବନରେ ରାଜସ୍ଥାନ ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳନ କରିବା ଏକ ମହାନ ଆନନ୍ଦର ଅବସର। ଇତିହାସ ଓ ପରଂପରାରେ ଗଭୀରଭାବେ ନିହିତ ଏହି ଅବସରଗୁଡ଼ିକ ଆମ ଜାତିର ସାଂସ୍କୃତିକ ବିଶେଷତ୍ୱକୁ ପ୍ରତିଫଳିତ କରୁଛି। "ବିବିଧତା ମଧ୍ୟରେ ଏକତା" ଏବଂ "ଏକ ଭାରତ – ଶ୍ରେଷ୍ଠ ଭାରତ" ଭାବନାକୁ ଏହା ଅଧିକ ଋଦ୍ଧିମନ୍ତ କରୁଛି । ଆଜି ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଆଦି ରାଜ୍ୟର ନୂତନ ବର୍ଷର ଆରମ୍ଭକୁ ଉଗାଡି ଏବଂ ଗୁଡି ପଡ଼ୱା ଭାବେ ପାଳନ କରାଯାଉଛି। ଏହା କୃତଜ୍ଞତାର ସହିତ ନୂତନ ଆରମ୍ଭକୁ ଗ୍ରହଣ କରିବା ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ପୁନଃଜାଗରଣ କରିବାର ସମୟ। ଏହା ଆମକୁ ଆନନ୍ଦ ଓ ଆହ୍ୱାନକୁ ଗ୍ରହଣ କରିବାକୁ ଶିଖାଏ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ମହାରାଷ୍ଟ୍ର ଓ କର୍ଣ୍ଣାଟକର କେତେକାଂଶରେ ବ୍ୟାପକ ଭାବରେ ପାଳିତ ହେଉଥିବା ଗୁଡି ପଡ଼ୱା ସମୃଦ୍ଧି ଏବଂ ସୌଭାଗ୍ୟର ବା??ର୍ା ଦିଏ, ଲୋକମାନଙ୍କୁ ନୂତନ ସଂକଳ୍ପ ସହିତ ନୂତନ ବର୍ଷରେ ପାଦ ଦେବା ପାଇଁ ପ୍ରେରଣା ଦିଏ ବୋଲି କହିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ଭାରତ ପର୍ବ ପର୍ବାଣୀର ଦେଶ ଏବଂ ପ୍ରତ୍ୟେକ ପର୍ବପର୍ବାଣୀ ଏକତାର ଆତ୍ମା ବହନ କରେ। ଆମେ ଯେଉଁଠାରୁ ଆସିଥିଲେ ମଧ୍ୟ ଆମେ ସମସ୍ତେ ଗୋଟିଏ ମହାନ ରାଷ୍ଟ୍ରର ଅଂଶ ବୋଲି ଏହା ମନେ ପକାଇ ଦିଏ। ଆମର ପରଂପରା ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ଆମର ଆକାଂକ୍ଷା ସମାନ – ସମସ୍ତଙ୍କ ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧି। ଏତଦ୍‌ବ୍ୟତୀତ ରାଜସ୍ଥାନର ପ୍ରତିଷ୍ଠା ଦିବସ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ, ଇତିହାସକୁ ଗଢ଼ି ତୋଳିଥିବା ସାହାସୀ ରାଜପୁତ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ଏହାର ଦୁର୍ଗ ଏବଂ ପ୍ରାସାଦର ମହିମା ପର୍ଯ୍ୟନ୍ତ ତଥା ଭାରତର ଐତିହ୍ୟ ପ୍ରତି ରାଜସ୍ଥାନର ଅବଦାନ ଅପାର। ବୀରତ୍ୱ, ସମୃଦ୍ଧ କଳା ପରଂପରା ଏବଂ ମହିମା ପାଇଁ ଜଣାଶୁଣା ରାଜସ୍ଥାନ ଭାରତର ସାଂସ୍କୃତିକ ଏବଂ ଅର୍ଥନୈତିକ ଦୃଶ୍ୟପଟରେ ଉଲ୍ଲେଖନୀୟ ଅବଦାନ ଦେଇଛି। ରାଜସ୍ଥାନ ଏବଂ ଓଡ଼ିଶା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଉଭୟ ରାଜ୍ୟ ସେମାନଙ୍କର ସମୃଦ୍ଧ ଇତିହାସ, ସ୍ଥାପତ୍ୟ, ଆଧ୍ୟାତ୍ମିକ ପରଂପରା, ଲୋକ ସଂସ୍କୃତି ପାଇଁ ଅନନ୍ୟ । ଖାଟୁ ର ଶ୍ୟାମବାବାଙ୍କ ପ୍ରତି ରାଜସ୍ଥାନର ଭକ୍ତି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଓଡ଼ିଶାର ଅଟଳ ବିଶ୍ୱାସରେ ପ୍ରତିଫଳିତ ହୁଏ। ଏହା ଉଭୟ ରାଜ୍ୟର ଆଧ୍ୟାତ୍ମିକ ସମୃଦ୍ଧିକୁ ଉଜ୍ଜଳ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶା ସର୍ବଦା ସାରା ଦେଶରୁ ଲୋକଙ୍କୁ ସମ୍ମାନ ଓ ଶ୍ରଦ୍ଧାର ସହିତ ସ୍ୱାଗତ କରୁଛି। ରାଜସ୍ଥାନର ଅନେକ ମୂଳ ବାସିନ୍ଦା ଓଡ଼ିଶାକୁ ନିଜର ଘର କରିଛନ୍ତି ଏବଂ ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ଶିକ୍ଷା, ସମାଜସେବା ଆଦି କ୍ଷେତ୍ରରେ ନିୟୋଜିତ ହୋଇ ରାଜ୍ୟର ଅଭିବୃଦ୍ଧି ଓ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ରାଜ୍ୟର ମାନ୍ୟବର ଫାଷ୍ଟ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମ୍ପାଟି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ଏ.ଡି.ସି. କୁଲଦୀପ ମୀନା ମଧ୍ୟ କାର୍ଯ୍ୟକ୍ରମ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ୍ ଡିଜି ୱାଇ.ବି. ଖୁରାନିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉକ୍ତ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଲୋକ କଳା / ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ଏବଂ ବିଭିନ୍ନ ରାଜ୍ୟର ବ୍ୟକ୍ତି / ଛାତ୍ରଛାତ୍ରୀ ଓଡ଼ିଶା ଏବଂ ନିଜ ନିଜ ରାଜ୍ୟ ସଂପର୍କରେ ଅଭିଜ୍ଞତା ଓ ଉପଲବ୍ଧି ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଗଜପତିରେ ଅନୁଷ୍ଠିତ ହେବାକୁ ଯାଉଛି ତୃତୀୟ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ମହିଳା ସଂସଦ

**ପାରଳାଖେମୁଣ୍ଡି, ନ୍ୟୁଜ ବ୍ୟୁରୋ**

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ହେଉଛି ଭାରତର ପ୍ରମୁଖ ଆନ୍ତଃବିଶ୍ୱବିଦ୍ୟାଳୟ ସଂଗଠନ ଯାହା ବିଭିନ୍ନ ଅଞ୍ଚଳ ଏବଂ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ ପ୍ରକ୍ରିୟା ମାଧ୍ୟମରେ ସମନ୍ୱୟ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଯୁବ ସମ୍ପର୍କିତ ଅନେକ କାର୍ଯ୍ୟକଳାପ ଆୟୋଜନ କରିଆସୁଛି। ଏହା ଉଚ୍ଚଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟ ସମନ୍ୱୟକୁ ପ୍ରୋତ୍ସାହିତ କରିବା ସହିତ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ବିଶ୍ୱବିଦ୍ୟାଳୟକୁ ପ୍ରତିନିଧିତ୍ୱ କରେ। ଏହା ସହିତ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଉଚ୍ଚଶିକ୍ଷାର ଗୁଣବତ୍ତା ବୃଦ୍ଧି କରିବା ପାଇଁ କ୍ରୀଡ଼ା, ଛାତ୍ର କଲ୍ୟାଣ ଏବଂ ଡିଜିଟାଲାଇଜେସନକୁ ସମର୍ଥନ କରେ। ତୃତୀୟ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ଜାତୀୟ ମହିଳା ଛାତ୍ର ସଂସଦ ୨୦୨୪-୨୫ 'ସଶକ୍ତ ସ୍ୱର, ସୁଦୃଢ଼ ଭବିଷ୍ୟତ: ବିକଶିତ ଭାରତ' ନୂଆଦିଲ୍ଲୀର ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ୟୁନିଭରସିଟିଜ୍ (ଏଆଇୟୁ) ତତ୍ତ୍ୱାବଧାନରେ ୧ ରୁ ୫ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ପାରଳାଖେମୁଣ୍ଡି କ୍ୟାମ୍ପସରେ ଆୟୋଜିତ ହେବାକୁ ଯାଉଛି। ଏହାର ଲକ୍ଷ୍ୟ ହେଉଛି ଜାତୀୟ ମହିଳା ଛାତ୍ର ସଂସଦ ମାଧ୍ୟମରେ ଯୁବପିଢ଼ିର ମହିଳାମାନଙ୍କ ସେମାନଙ୍କର ସମ୍ଭାବନା ଏବଂ ଶକ୍ତିର ଉପଯୋଗ କରିବା ପାଇଁ ଏକ ଭିତ୍ତିଭୂମି ପ୍ରଦାନ କରିବା। ୨ ଏପ୍ରିଲରେ ଅନୁଷ୍ଠିତ ହେବାକୁ ଥିବା ମହାନ ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶାର ରାଜ୍ୟପାଳ ମହାମହିମ ଡକ୍ଟର ହରିବାବୁ କୁମ୍ଭମପତି ଯୋଗଦେବେ, ଯାହା ପାଞ୍ଚ ଦିନିଆ କାର୍ଯ୍ୟକ୍ରମର ଏକ ମହତ୍ୱପୂର୍ଣ୍ଣ ଆରମ୍ଭ।




ବିଶ୍ୱବିଦ୍ୟାଳୟ ଅନେକ ସମ୍ମାନିତ କୁଳପତି, ବରିଷ୍ଠ ପ୍ରଫେସର ଏବଂ ଶିକ୍ଷାବିତ୍ ନେତାଙ୍କୁ ସ୍ୱାଗତ କରିବାର ସୌଭାଗ୍ୟ ମଧ୍ୟ ପାଇଛି, ଯେଉଁମାନେ ସମଗ୍ର କାର୍ଯ୍ୟକ୍ରମ ମଧ୍ୟରେ ସ୍ପନ୍ଦନଶୀଳ ଆଲୋଚନା ଏବଂ ଜ୍ଞାନ ଆଦାନପ୍ରଦାନ ଅଧିବେଶନରେ ଯୋଗ ଦେବେ। ଏହାର ଶେଷ ଅଧିବେଶନରେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ପ୍ରତିଷ୍ଠିତ ମହିଳା ବିଧାନସଭା ସଦସ୍ୟ ଏବଂ ସାଂସଦ ଉପସ୍ଥିତ ରହିବେ, ଯାହା ଶାସନ ଏବଂ ସାର୍ବଜନୀନ ସେବା କ୍ଷେତ୍ରରେ ସେମାନଙ୍କର ଅନ୍ତର୍ଦୃଷ୍ଟି ଏବଂ ଅଭିଜ୍ଞତା ସହିତ ଆଲୋଚନାକୁ ଆହୁରି ସମୃଦ୍ଧ କରିବ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଏଆଇୟୁ ମହିଳା ସଂସଦ ଏକ ଐତିହାସିକ ଘଟଣା ହେବାକୁ ଯାଉଛି, ଯାହା ଶିକ୍ଷାଗତ ଉତ୍କର୍ଷତା, ଲିଙ୍ଗଗତ ସମାନତା ଏବଂ ନେତୃତ୍ୱ ବିକାଶ ପ୍ରତି ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ। ବିବିଧ ଏବଂ ଗତିଶୀଳ ଅଂଶଗ୍ରହଣ ସହିତ, ଏହି ପ୍ରୟାସର ଲକ୍ଷ୍ୟ ବିଭିନ୍ନ କ୍ଷେତ୍ରରେ ପରବର୍ତ୍ତୀ ପିଢ଼ିର ମହିଳା ନେତୃବୃନ୍ଦଙ୍କୁ ପ୍ରେରଣା ଦେବା ଏବଂ ସଶକ୍ତ କରିବା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଳାହାଣ୍ଡିରେ ଅନ୍ତ୍ୟୋଦୟ ...

ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ । ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟ ଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ । ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ । କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ । ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ । ଏହା ସହିତ କର୍କଟ, କୁଷ୍ଠ, କିଡ଼ନୀ ରୋଗ, ଲିଭର ସିରୋସିସ, ଥାଲାସେମିଆ ଅଥବା ଏଚଆଇଭି ପରି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍‌ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ 'ପରିବାର' ଓ 'ପକ୍କା ଘର'ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି । ଆଜବେସଟସ୍, ଟିଣ ଓ ଟାଇଲ ଛାତଘରକୁ କଚ୍ଚାଘର ରୂପେ ବିବେଚନା କରାଯାଇଛି । କେବଳ ସିମେଣ୍ଟ ଯୋଡେଇ କାନ୍ଥ ସହିତ ଆର.ସି.ସି. ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି । ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି ବୋଲି ସେ କହିଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହୋଇଥିବା ଅଗ୍ରଗତି ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷରୁ ଅଧିକ ଘର ନିର୍ମାଣ ହୋଇସାରିଥିବା ବେଳେ ୪ ଲକ୍ଷ ଘର ନିର୍ମାଣାଧୀନ ଅଛି । ଏହା ସହିତ ଜାନୁଆରୀ ୨୪ ତାରିଖରୁ ସର୍ଭେ ଆରମ୍ଭ ହୋଇ ଏଥିରେ ଆହୁରି ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଘର ଯୋଗାଇଦେବା ପାଇଁ ତାଲିକାଭୁକ୍ତ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ରାଜ୍ୟ ଯୋଜନାରେ ସମସ୍ତଙ୍କୁ ଘର ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି । ଅନ୍ତ୍ୟୋଦୟ ଗୃହ ଯୋଜନା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପି.ଏମ୍. ଜନମନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ଯୋଜନାରେ ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରୁଛନ୍ତି ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି । କଳାହାଣ୍ଡିର ସମୃଦ୍ଧ ଇତିହାସ, ସଂସ୍କୃତି ଓ ଉନ୍ନତ କୃଷି ପ୍ରଣାଳୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କୃଷ୍ଟ କଳା ଓ ସ୍ୱଚ୍ଛ ହୃଦୟର ଅଞ୍ଚଳ ହେଉଛି କଳାହାଣ୍ଡି। କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲର କଂକ୍ରିଟ୍ ଲାଇନିଂ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ । ଭବିଷ୍ୟତରେ ଆଉ ଯେପରି କେହି ଦାନ ମାଝୀ ପରି ଅବହେଳାର ଶିକାର ନ ହୁଅନ୍ତି, ସେଥିପାଇଁ ଆମ ସରକାର ୧୦୯ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଆମ ସରକାର ହେଉଛି ଲୋକଙ୍କ ସରକାର। ଆଗାମୀ ଦିନରେ ସରକାର ଯିବେ ଲୋକଙ୍କ ପାଖକୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ଭବାନୀପାଟଣାରେ ହେବ ଓ ସମ୍ବଲପୁରରେ ମଧ୍ୟ ହେବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ୧୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାରେ ୬୧୭.୫୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ । ୨୨୩.୬୬ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୩୯୩.୮୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି । ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଜୁଲ୍‌କୋ ଇନ୍‌ଷ୍ଟ୍ରିମ ଷ୍ଟୋରେଜ୍ ଷ୍ଟ୍ରକଚର ଅନ୍ତର୍ଭୁକ୍ତ। ଭବାନୀପାଟଣା ନିର୍ବାଚନ ମଣ୍ଡଳୀର କେସିଙ୍ଗା ବ୍ଲକରେ ୬୮ କୋଟି ୩୫ ଲକ୍ଷ ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଛି। ଏହାଦ୍ୱାରା କେସିଙ୍ଗା ବ୍ଲକର ପ୍ରାୟ ୯ ହଜାର ଲୋକଙ୍କୁ ପିଇବା ପାଣି ମିଳିବା ସହିତ ରବି ଫସଲ ପାଇଁ ମଧ୍ୟ ଜଳସେଚନରେ ସୁବିଧା ହେବ। ଏହା ସହିତ ବୃନ୍ଦାବାହାଲ ଠାରେ ୫୨ କୋଟିରୁ ଅଧିକ ଟଙ୍କାରେ ଏକ ଗ୍ରୀଡ୍ ସବ୍‌ଷ୍ଟେସନ୍ ଓ କେ.ଭି. ଲାଇନର ବିକାଶ କରାଯାଇଛି। ଆହୁରି ମଧ୍ୟ ଅନେକ ପାନୀୟ ଜଳ ପ୍ରକଳ୍ପ, ଶିକ୍ଷା, କଲ୍ୟାଣ ମଣ୍ଡପ, ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା ଆଦି ଅନେକ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟ ଆରମ୍ଭ କରାଯାଇଛି। ଏହିସବୁ ପ୍ରକଳ୍ପ ଗୁଡ଼ିକ ଜିଲ୍ଲାର ବିକାଶକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଥିଲେ ଯେ, ଗାଁରେ ରହୁଥିବା ଲୋକଙ୍କର ଦୀର୍ଘ ଦିନର ସମସ୍ୟା ସବୁ ରହିଥିଲା। ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ଆମେ ସମସ୍ତେ କାର୍ଯ୍ୟରତ ଅଛୁ । ଆମ ସରକାର ହେଉଛି ଲୋକଙ୍କ ସରକାର । ଅନ୍ତ୍ୟୋଦୟ ଗୃହ ଯୋଜନା ହେଉ, କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ ଆମର କୌଣସି ଥିରେ ପାତର ଅନ୍ତର ରହିବ ନାହିଁ, କିମ୍ବା କୌଣସି ବ୍ୟତିକ୍ରମ ଘଟିବ ନାହିଁ । ଗ୍ରାମାଞ୍ଚଳବାସୀଙ୍କ ଯାହା ବି ମୌଳିକ ଆବଶ୍ୟକତା ରହିଛି, ତାହା ନିଶ୍ଚୟ ପୂରଣ ହେବ । ଗରିବ ଲୋକଙ୍କ ପ୍ରତି ଅବହେଳା କଲେ ସରକାରୀ କର୍ମଚାରୀମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ ଓ କଳାହାଣ୍ଡି ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଆଭାଷୀ ଜରିଆରେ ସମସ୍ତ ୩୦ ଜିଲ୍ଲାର ସଦର ମହକୁମାରୁ ସାଂସଦ, ମନ୍ତ୍ରୀ, ବିଧାୟକଗଣ ଏବଂ ସମସ୍ତ ୩୧୪ ବ୍ଲକରୁ ପଞ୍ଚାୟତିରାଜ ସଦସ୍ୟଗଣ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଧନ୍ୟବାଦ ଅର୍ପଣ କରିଥିଲେ ।

## କାମାକ୍ଷା ଏକ୍ସପ୍ରେସ୍ ...

କ୍ରମାନ୍ୱୟରେ ୧୧ଟି ବଗି ଲାଇନଚ୍ୟୁତ ହୋଇଥିଲା । ଟେନ୍ ପଛ ୪ଟି ବଗି ମଧ୍ୟ ଟ୍ରାକ୍ ଉପରେ ଠିକ୍‌ଠାକ୍ ରହିଥିବା ଦେଖିବାକୁ ମିଳିଛି । ଦୁର୍ଘଟଣା ସମୟରେ ପ୍ରଚଣ୍ଡ ଶବ୍ଦରେ ଟ୍ରେନ୍‌ର ଯାତ୍ରୀମାନେ ଆତଙ୍କିତ ହୋଇ ପଡ଼ିବା ସହିତ ଚିତ୍କାର କରୁଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ । ଭୟରେ କିଛି ଯାତ୍ରୀ ଟ୍ରେନ୍‌ରୁ ଡେଇଁ ପଡ଼ିବା ଫଳରେ ସେମାନେ ଆହତ ମଧ୍ୟ ହୋଇଥିଲେ । ଖବରପାଇ ରେଲୱେର ବହୁ ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀ, ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀ, ଓଡ୍ରାଫ, ରେଲୱେର ଉଦ୍ଧାରକାରୀ ଟିମ, କଟକ, ଜଗତପୁର ଓ ଚୌଦ୍ୱାର, ଟାଙ୍ଗୀ ଆଦି ଥାନାର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ୫ଜଣ ଯାତ୍ରୀଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା । ମୃତକ ଜଣକର ପରିଚୟ ଜଣା ପଡ଼ିନାହିଁ । କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ, ଗ୍ରାମାଞ୍ଚଳ ଏସପି ପ୍ରତିକ୍ ସିଂ ପ୍ରମୁଖ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଟେନ୍‌ର କିଛି ଯାତ୍ରୀଙ୍କୁ ବସ୍ ଯୋଗେ କଟକ ଷ୍ଟେସନ୍‌କୁ ପଠାଯାଇଥିଲା । ପରେ ପରେ ଏକ ସ୍ପେଶାଲ ଟ୍ରେନ୍‌ରେ ଯାତ୍ରୀ ମାନଙ୍କୁ କଟକ ଷ୍ଟେସନ୍ ପଠା ଯାଇଥିଲା । ଦୁର୍ଘଟଣା ପରେପରେ ସେହି ରାସ୍ତାରେ ଯାଉଥିବା ନନ୍ଦନ କାନନ ଏକ୍ସପ୍ରେସ୍ ଯୋଗେ ମଧ୍ୟ କିଛି ଯାତ୍ରୀଙ୍କୁ କଟକ ପଠାଯାଇଥିଲା । ଦୁର୍ଘଟଣା ମଧ୍ୟାହ୍ନ ସମୟରେ ଘଟିଥିବାରୁ ପ୍ରଚଣ୍ଡ ରୌଦ୍ରତାପରେ ଟ୍ରେନ୍‌ର ଯାତ୍ରୀମାନେ ଡହଳବିକଳ ହେବା ସହିତ ବହୁ ବରିଷ୍ଠ ନାଗରିକ ଓ ଶିଶୁ ଚେତାହୀନ ହୋଇ ପଡ଼ିଥିଲେ । କଟକ ଏସ୍‌ସିବି, ଟାଙ୍ଗୀ ପିଏଚ୍‌ସି, ରେଳବାଇ ବିଭାଗରୁ ଆସିଥିବା ଡାକ୍ତରୀ ଟିମ୍ ଘଟଣାସ୍ଥଳରେ ଆହତ ଓ ଚେତାଶୂନ୍ୟଙ୍କ ଆଶୁ ଚିକିତ୍ସା କରିଥିଲେ । ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ରାଜନେତା, ସ୍ଥାନୀୟ ଜନ ସାଧାରଣ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ସେବା କାର୍ଯ୍ୟରେ ସହଯୋଗ କରିଥିଲେ । ଉଦ୍ଧାର କାର୍ଯ୍ୟପରେ ଇଂଜିନ୍ ସଂଲଗ୍ନ ୭ଟି ବଗିକୁ ଅପରାହ୍ଣ ୨ଘଟିକା ଓ ପଛ ୪ଟି ବଗିକୁ ସନ୍ଧ୍ୟା ୫ଟାରେ ସ୍ଥାନାନ୍ତର କରାଯାଇଛି ।ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି ।

## ରେଳ ଦୁର୍ଘଟଣାରେ ...

ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ନିଜର ଯାତ୍ରା ଆରମ୍ଭ କରିଛନ୍ତି। ଦୁର୍ଘଟଣା ଯୋଗୁଁ ସମସ୍ୟାର ସମ୍ମୁଖୀନ ହୋଇଥିବା ଯାତ୍ରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟ୍ରେନ କାମାକ୍ଷା ଅଭିମୁଖେ ବାହାରିଛି । ଟ୍ରେନ୍‌ଟି ଲାଇନଚ୍ୟୁତ ହେଲା ପରେ ସ୍ପେଶାଲ ଟ୍ରେନର ବ୍ୟବସ୍ଥା କରାଯାଇଛି । ଯାତ୍ରୀଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବାକୁ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା ହୋଇଥିବା ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି।

## ଦୁଃଖ ପ୍ରକାଶ...

ପହଞ୍ଚି ସହାୟତା ପ୍ରଦାନ କରୁଛନ୍ତି ଏବଂ ରେଳ ଚଳାଚଳରେ ଶୀଘ୍ର ସ୍ୱାଭାବିକତା ଫେରାଇ ଆଣିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ରେଳ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କୁ ସହାୟତା ଯୋଗାଇବା ପାଇଁ ଏକ ହେଲପଲାଇନ ଜାରି କରାଯାଇଛି ଏବଂ ଏହି ହେଲପଲାଇନ ନମ୍ବର ସକ୍ରିୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଟ୍ୱିଟ କରି ସୂଚନା ଦେଇଛନ୍ତି।

## ୫୦ ମାଓବାଦୀଙ୍କ...

ଆତ୍ମସମର୍ପଣ କରି ହିଂସାର ମାର୍ଗ ଛାଡ଼ିଛନ୍ତି । କେନ୍ଦ୍ର ମନ୍ତ୍ରୀ ଅମିତ ଶାହା ଏହି ସୂଚନା ଦେବା ସହିତ ସେମାନଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ସମସ୍ତ ନକ୍ସଲଙ୍କୁ ଥଇଥାନ କରାଯାଇ ମୁଖ୍ୟ ସ୍ରୋତରେ ଯୋଡ଼ାଯିବ। ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ ଶାହା କହିଛନ୍ତି ବର୍ଷକ ପରେ ଅର୍ଥାତ ୩୧ ମାର୍ଚ୍ଚ ୨୦୨୬ ପରଠାରୁ ନକ୍ସଲବାଦ ଦେଶରେ ଇତିହାସ ପାଲଟିଯିବ। ଶାହା ସାମାଜିକ ଗଣମାଧ୍ୟମ ଏକ୍ସରେ ଲେଖିଛନ୍ତି, ବିଜାପୁରରେ ୫୦ରୁ ଅଧିକ ନକ୍ସଲ ହିଂସାର ପଥ ଛାଡ଼ି ଆତ୍ମସମର୍ପଣ କରିବା ଅତ୍ୟନ୍ତ ଖୁସିର କଥା। ହିଂସା ଏବଂ ଅସ୍ତ୍ରଶସ୍ତ୍ର ଛାଡ଼ି ବିକାଶର ମୁଖ୍ୟଧାରାରେ ସାମିଲ ହେଉଥିବା ଲୋକଙ୍କୁ ମୁଁ ସ୍ୱାଗତ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ସ୍ପଷ୍ଟ ଯେଉଁ ନକ୍ସଲମାନେ ଅସ୍ତ୍ରଶସ୍ତ୍ର ଛାଡ଼ି ବିକାଶର ମାର୍ଗ ଆପଣାଇବେ ସେମାନଙ୍କୁ ଥଇଥାନ କରାଯାଇ ମୁଖ୍ୟଧାରାରେ ଯୋଡ଼ାଯିବ। ସୂଚନାଯୋଗ୍ୟ, ରବିବାର ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରୁ ୧୪ ଜଣଙ୍କ ଉପରେ ୬୮ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା।

## ଆରଏସ୍‌ଏସ୍ ପ୍ରତିଷ୍ଠାତା ...

ମୁଖ୍ୟାଳୟରେ ପହଞ୍ଚିଥିଲେ । ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ସଂଘ ମୁଖ୍ୟାଳୟ ମଧ୍ୟ ଯାଇଥିଲେ। ଆରଏସ୍‌ଏସ ଏହାର ଶତବାର୍ଷିକୀ ବର୍ଷ ପାଳନ କରୁଛି।

# ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ୧୨୮ଟି ସୌର ଚାଳିତ ଆଲୋକ ଖୁଣ୍ଟ ପ୍ରଦାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ମଣ୍ଡଳ ଦ୍ୱାରା ସ୍ୱେଚ୍ଛାସେବୀ ସଂଗଠନ ରବିବାରର ସୃଜନୀ ସହଯୋଗରେ ୧୨୮ଟି ସୌର ଚାଳିତ ଆଲୋକ ଖୁଣ୍ଟ ପ୍ରଦାନ କରାଯାଇଛି । ଏହି ଆଲୋକିକରଣ ଦ୍ୱାରା ବାଲିଅନ୍ତା ବ୍ଲକର ବିଭିନ୍ନ ସ୍ଥାନ ମୁଖ୍ୟତଃ ଗ୍ରାମାଞ୍ଚଳର ପୋଖରୀ ଓ ଶ୍ମଶାନ ଆଦି ସ୍ଥାନ ମାନଙ୍କରେ ସହସ୍ରାଧିକ ଜନସାଧାରଣ ଉପକୃତ ହେବେ । ରବିବାର ବାଲିଅନ୍ତା ବ୍ଲକ ସତ୍ୟଭାମାପୁର ପଞ୍ଚାୟତ ଅନ୍ତର୍ଗତ ଗୋତଳବିନ୍ଧା ଗ୍ରାମସ୍ଥିତ ସୀତାରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଷ୍ଟେଟ୍ ବ୍ୟାଙ୍କ୍ ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜୟଦେବ ବିଧାନସଭା ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ଃ ଅରବିନ୍ଦ ଢ଼ାଲି ଓ ଶତାଧିକ ଗ୍ରାମବାସୀଙ୍କ ସହ ଷ୍ଟେଟ୍ ବ୍ୟାଙ୍କ୍ ତରଫରୁ ମହାପ୍ରବନ୍ଧକ ପୋନ୍ନମବଲମ୍ ଏମ୍, ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ ଆଦି ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶ୍ରୀ ଢ଼ାଲି ଷ୍ଟେଟ୍ ବ୍ୟାଙ୍କ୍ ଦ୍ୱାରା ପ୍ରାୟୋଜିତ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବା ସହ ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ ।



ଭୁବନେଶ୍ୱର : ହିନ୍ଦୁ ନବବର୍ଷ ଅବସରରେ ଶ୍ରୀରାମ ମନ୍ଦିର ସମ୍ମୁଖରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଶାନ୍ତି ପୂର୍ଣ୍ଣ ପଦଯାତ୍ରା। (ଫଟୋ : ସମ୍ବାଦ କଳିକା)

# ଉତ୍କଳ ବିଶ୍ୱବିଦ୍ୟାଳୟରେ ପି.ଜି. ଛାତ୍ର ମୃତ୍ୟୁ: ତଦନ୍ତ ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଉତ୍କଳ ବିଶ୍ୱବିଦ୍ୟାଳୟର ମଧୁସୂଦନ ଛାତ୍ରାବାସରେ ରବିବାର ସକାଳେ ଗୋଟିଏ ସ୍ନାତକୋତ୍ତର ଛାତ୍ରଙ୍କ ଶବ ସନ୍ଦିଗ୍ଧ ପରିସ୍ଥିତିରେ ମିଳିବା ପରେ ବିଶ୍ୱବିଦ୍ୟାଳୟ ପରିସରରେ ଶୋକର ପରିବେଶ ସୃଷ୍ଟି ହୋଇଛି। ମୃତ ଛାତ୍ର ଜଣଙ୍କ ତାପସ ରଞ୍ଜନ ନାୟକ ବୋଲି ଜଣା ପଡ଼ିଛି । ସେ ଦର୍ଶନ ଶାସ୍ତ୍ର ବିଭାଗର ପି.ଜି. ଦ୍ୱିତୀୟ ବର୍ଷର ଛାତ୍ର ଥିଲେ।



ତାଙ୍କ ସହ ପଢୁଥିବା ଛାତ୍ରମାନେ କହିଛନ୍ତି ଯେ, ଶନିବାର ରାତି ପର୍ଯ୍ୟନ୍ତ ତାଙ୍କର ବ୍ୟବହାର ସାଧାରଣ ଥିଲା ଓ ସେ ସମସ୍ତଙ୍କ ସହ ହସି ଖୁସି ଆଲୋଚନା କରୁଥିଲେ। ଘଟଣା ସୂଚନା ମିଳିବା ସହିତେ ପୋଲିସ ଘଟଣାସ୍ଥଳକୁ ପହଂଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ କ୍ୟାପିଟାଲ ହସ୍ପିଟାଲକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି ଯାହା ଦ୍ୱାରା ମୃତ୍ୟୁର କାରଣ ଜଣାପଡ଼ିବ। ବିଶ୍ୱବିଦ୍ୟାଳୟ ପ୍ରଶାସନ ମଧ୍ୟ ଘଟଣାସ୍ଥଳକୁ ପହଂଚି ତଦନ୍ତରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରୁଛି। ଏହି ଅପ୍ରତ୍ୟାଶିତ ଘଟଣାରେ ଛାତ୍ର ସମ୍ପ୍ରଦାୟ ମଧ୍ୟରେ ଗଭୀର ଶୋକ ବ୍ୟାପି ଯାଇଛି। ଛାତ୍ରଛାତ୍ରୀମାନେ ଏହାର ଗଭୀର ଓ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।

# ବିଜେଡି ତରଫରୁ ପାଳିତ ହେବ ରାଜ୍ୟବ୍ୟାପୀ ଓଡ଼ିଶା ଦିବସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏପ୍ରିଲ ୧ ତାରିଖ ଦିନ ୮୯ତମ ଓଡ଼ିଶା ଦିବସ ପାଳିତ ହେବାକୁ ଯାଉଥିବା ବେଳେ ବିଜୁ ଜନତା ଦଳ ରାଜ୍ୟବ୍ୟାପୀ ଏହି ଦିବସଟିକୁ ପାଳିବ ବୋଲି ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ରବିବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦେବୀ ପ୍ରସାଦ ମିଶ୍ର କହିଥିଲେ, ଓଡ଼ିଶାର ଅନେକ ବରପୁତ୍ର ମାନଙ୍କ ସଂଘର୍ଷ, ତ୍ୟାଗ ବଳିଦାନ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହୋଇଥିଲା । କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ପାଇଁ ଓଡ଼ିଶାର ପ୍ରସିଦ୍ଧି ରହିଛି। ଏହାକୁ ସ୍ମରଣୀୟ କରିବା ପାଇଁ ଏହି ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବା ସହିତ ଓଡିଶା ଦିବସ ଭାବେ ପାଳିତ ହୋଇଆସୁଛି । ଅତନୁ ସବ୍ୟସାଚୀ ନାୟକ କହିଥିଲେ, ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲା କାର୍ଯ୍ୟାଳୟରେ ବିଜୁ ଜନତା ଦଳ ତରଫରୁ ଓଡିଶା ଦିବସ ପାଳନ କରିବା ପାଇଁ ହୋଇଥିବା ନିଷ୍ପତ୍ତି ଦଳ ତରଫରୁ ସମନ୍ୱୟ କମିଟି ଅଧକ୍ଷ ଦେବୀ ପ୍ରସାଦ ମିଶ୍ର ଓ କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା ସୂଚିତ କରିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ




ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ର ମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଆଲୋଚନା ଚକ୍ର କାର୍ଯ୍ୟକ୍ରମ କରାଯିବ। ତା'ଛଡା, ନିଜ ଅଞ୍ଚଳରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଦଳ ତରଫରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯିବ । ବିଜୁ ଜନତା ଦଳର ଭୁବନେଶ୍ୱର ଜିଲ୍ଲା ବିଜେଡି ଆନୁକୂଲ୍ୟରେ ଶଙ୍ଖ ଭବନରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ । ଏଥିରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗର ୧୨୮ ଯନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ମାମଲା ଆଧାରରେ ପୂର୍ତ୍ତ ବିଭାଗର ୧୨୮ଜଣ ବିଭିନ୍ନ ଯନ୍ତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଚାଲିଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ସହିତ ପରାମର୍ଶକ୍ରମେ ଓ ଆଇନ ଅନୁସାରେ ଏହାର ଫଏସଲା ହୋଇଥାଏ । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୧୨୮ଜଣ ଯନ୍ତ୍ରୀଙ୍କ ବିରୁଦ୍ଧରେ ଚାଲିଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଫଏସଲା ହୋଇନାହିଁ । ଏଗୁଡିକୁ ଫଏସଲା କରିବାପାଇଁ ବିହିତ ପଦକ୍ଷେପ ନିଆଯାଉଛି । ମନ୍ତ୍ରୀଙ୍କ ଉତ୍ତରରୁ ସୂଚନା ମିଳିଛି ଯେ ଅଧିକାଂଶ ମାମଲାରେ ତଦନ୍ତ ରିପୋର୍ଟ ହସ୍ତଗତ ହୋଇନାହିଁ । ମାତ୍ର ୩୦ଜଣ ଯନ୍ତ୍ରୀଙ୍କର ତଦନ୍ତ ରିପୋର୍ଟ ବିଭାଗର ହସ୍ତଗତ ହୋଇଛି । ଏହିସବୁ ରିପୋର୍ଟ ମଧ୍ୟରୁ କେତେକ ୨୦୧୬ରୁ ହସ୍ତଗତ ହୋଇଥିବାବେଳେ ଅଧିକାଂଶ ରିପୋର୍ଟ ୨୦୨୪ ଓ ୨୦୨୫ରେ ମିଳିଛି ।

ଭୁବନେଶ୍ୱର
୩୧ ମାର୍ଚ୍ଚ,
ସୋମବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# କଠୋର ଦଣ୍ଡ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ଆଇନରେ ହେବ ପରିବର୍ତ୍ତନ

**ପୁରୀ, ୩୦/୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ କରାଯିବ। ପୁରୁଣା ଆଇନରେ ସଂଶୋଧନ କରାଯାଇ କଠୋର ଦଣ୍ଡ ବ୍ୟବସ୍ଥା ହେବ। ଡଃ ପାଢ଼ୀ କହିଛନ୍ତି, ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି ଏବଂ କମିଟି ଆଇନ ପରିବର୍ତ୍ତନ ନେଇ ସରକାରଙ୍କୁ ସୁପାରିସ କରିବ। ସେ କହିଛନ୍ତି, କେବଳ ଜୈବିକ ଚାଉଳରେ କୋଠ ଭୋଗରେ ଅମୃତ ଅନ୍ନ ପ୍ରସ୍ତୁତ ହେବ। ସେ ଆହୁରି କହିଛନ୍ତି ଯେ, ଭିତର ଓ ବାହାର ରତ୍ନଭଣ୍ଡାରକୁ ସଂଯୋଗ



କରୁଥିବା ୫ଟି ବିମ୍ ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଇଥିବାରୁ ସେଗୁଡିକ ବଦଳା ଯାଇ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମିତ ବକ୍ସ ବିମ୍ ଲାଗିଛି। ତେବେ ଚାଲିଥିବା ମରାମତି କାର୍ଯ୍ୟ ଅକ୍ଷୟ ତୃତୀୟା ପୂର୍ବରୁ ସାରିବା ନେଇ ଲକ୍ଷ୍ୟ ରଖାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ ଆଗାମୀ ଦିନରେ ମହାପ୍ରଭୁଙ୍କ ଭିତର ଫଟୋ ଭାଇରାଲ୍ ରୋକିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଶ୍ରୀ ପାଢୀ ଆହୁରି କହିଥିଲେ ଯେ, ଶ୍ରୀମନ୍ଦିର ଆଇନର ଆବଶ୍ୟକ ସଂଶୋଧନ ଠାରୁ ଆରମ୍ଭ କରି ଆଉ ଏକ ସୂଚନା କେନ୍ଦ୍ର ଖୋଲାଯିବା ଉପରେ ଆଲୋଚନା କରାଯାଇଛି। ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡାଣ ଓ ଫଟୋ, ଭିଡିଓ ଭାଇରାଲ୍ ସହ ମୋବାଇଲ ଫୋନ୍ ପ୍ରବେଶ ଭଳି ଘଟଣା ରୋକିବାକୁ କଠୋର ଆଇନ୍ ଅଣାଯିବ। ଏଥିପାଇଁ ଶ୍ରୀଜଗନ୍ନାଥ ଟେମ୍ପୁଲ୍ ଆକ୍ଟ ଅନୁଯାୟୀ ଦଣ୍ଡବିଧାନ କରାଯିବାକୁ ବ୍ୟବସ୍ଥା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିଭଳି ଗୁଣ୍ଡିଚା ମନ୍ଦିର ନିକଟରେ ଆଉ ଏକ ଶ୍ରୀମନ୍ଦିର କାର୍ଯ୍ୟାଳୟ ପ୍ରତିଷ୍ଠା, ପଣା ସଂକ୍ରାନ୍ତି କିମ୍ବା ଅକ୍ଷୟ ତୃତୀୟା ଠାରୁ ଶ୍ରୀମନ୍ଦିରର ନୂଆ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ରଥଯାତ୍ରା କିଭଳି ଶୃଙ୍ଖଳିତ ଭାବେ ଆୟୋଜନ ହୋଇପାରିବ ସେନେଇ ବୈଠକରେ ଆଲୋଚନା ହେବା ସହ ରତ୍ନଭଣ୍ଡାର ମରାମତି ଅଗ୍ରଗତି ଉପରେ ମଧ୍ୟ ଆଲୋଚନା ହୋଇଛି। ନଷ୍ଟ ହୋଇଯାଇଥିବା ପଥର ଗୁଡ଼ିକ ମଧ୍ୟ ବଦଳାଯାଉଛି। କେମିକାଲ ୱାସିଂ ଚାଲିଥିବା ବେଳେ ବାହାର ରତ୍ନଭଣ୍ଡାରକୁ ଡିପ୍ଲାଷ୍ଟରିଂ କରାଯାଉଥିବା ସମୟରେ ପଥର ଖରାପ ବାହାରୁଛି। ତେଣୁ ଅକ୍ଷୟ ତୃତୀୟା ସୁଦ୍ଧା ମରାମତି ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଆହୁରି ମଧ୍ୟ ୟୁନିଫର୍ମ ପଲିସି, ପରିଚାଳନା କମିଟିରେ ପାସ୍ ହୋଇଛି। ରାଜ୍ୟ ସରକାରଙ୍କ ଅନୁମୋଦନ ହେବାପରେ ଲାଗୁ ହେବ ନୂଆ ୟୁନିଫର୍ମ ପଲିସି। ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।



ଭବାନୀପାଟଣା ଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ମନୋଜ ଓ ସମ୍ପାଦକ ଅଭିଜିତ

**କଟକ, ୩୦/୦୩ ନ୍ୟୁଜ ବ୍ୟୁରୋ**

ଶେଷ ହେଲା ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ନିର୍ବାଚନ । ଏଥିରେ ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ଏବଂ ସମ୍ପାଦକ ଭାବରେ ଅଭିଜିତ ପଟ୍ଟନାୟକ, ଉପ-ସଭାପତି ଭାବରେ ଆଇନଜୀବୀ ସିଦ୍ଧାର୍ଥ ଦାସ ନିର୍ବାଚିତ ହୋଇଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ପଦ ପାଇଁ ତିନି ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆଇନଜୀବୀ ମନୋଜ ମିଶ୍ର ସର୍ବାଧିକ ୨୨୧୧ ଖଣ୍ଡ ଭୋଟ ପାଇଥିବା ବେଳେ ୧୦୧୦ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଲଲାଟେନ୍ଦୁ ସାମନ୍ତରାୟ ରହିଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ପଦ୍ମାଳୟା ମହାପାତ୍ର ଏବଂ ସମ୍ପାଦକ ଭାବେ ଅଭିଜିତ ପଟ୍ଟନାୟକ, ପାଠାଗାର ସହସମ୍ପାଦକ



ଭାବେ ସପନ କୁମାର ପାଲ ନିର୍ବାଚିତ ହୋଇଛନ୍ତି । ୨୦୨୫-୨୬ ମସିହା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ନିର୍ବାଚନରେ ୩୩୧୦ ଭୋଟର ମତ ଅଧିକାର ସାବ୍ୟସ୍ତ କରିଥିଲେ । ତେବେ ସଭାପତି ଭାବରେ ବିଜୟ ଲାଭ ପରେ ଆଇନଜୀବୀ ମନୋଜ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି ,'ବାର୍ ଆସୋସିଏସନ୍ ସଦସ୍ୟଙ୍କ କଲ୍ୟାଣ ପାଇଁ ମୁଁ ଚେଷ୍ଟା କରିବି । ମାମଲା ଦାୟରଠାରୁ ଆରମ୍ଭ କରି ମାମଲା ତାଲିକାଭୁକ୍ତ ହେବା ଓ ଅନ୍ୟ ପ୍ରସଙ୍ଗରେ ଆଇନଜୀବୀଙ୍କର ରହିଥିବା ସମସ୍ୟା ଦୂର ପାଇଁ ସମସ୍ତଙ୍କ ସହଯୋଗରେ ଉଦ୍ୟମ କରାଯିବ। ସେହିପରି ଆଇନଜୀବୀଙ୍କ କଲ୍ୟାଣକୁ ପ୍ରାଥମିକତା ଦିଆଯିବ। ଅନେକ ଯୁବ ଆଇନଜୀବୀ ମାନଙ୍କ କମ୍ ବୟସରେ ମୃତ୍ୟୁ ଘଟୁଛି । ତେବେ ସେମାନଙ୍କ ସୁବିଧା ପାଇଁ ଆହୁରି ପଦକ୍ଷେପ ନିଆଯିବ। ସେହିପରି ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିବା ଅଭିଜିତ ପଟ୍ଟନାୟକ କହିଛନ୍ତି, 'ଯୁବ ଆଇନଜୀବୀଙ୍କ ପାଇଁ ଷ୍ଟାଇପେଣ୍ଡ ନେଇ ରାଜ୍ୟ ଆଇନଜୀବୀ ପରିଷଦ ସହ ଆଲୋଚନା କରି ପଦକ୍ଷେପ ନିଆଯିବ । ୭ଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।' ଚଳିତବର୍ଷ ୭ଟି ପଦବୀ ପାଇଁ ୪୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢିଥିଲେ।

# ୧୧ ବର୍ଷ ଧରି ପ୍ରଭାବଶାଳୀ ଭାରତୀୟ ତାଲିକାର ଶୀର୍ଷରେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ, ୩୦/୩**

ପ୍ରଧାନମନ୍ତ୍ରୀ ଭାବେ ହ୍ୟାଟ୍ରିକ୍ କରି ରେକର୍ଡ ଗଢିଥିବା ନରେନ୍ଦ୍ର ମୋଦି ପ୍ରଭାବଶାଳୀ ଭାରତୀୟ ତାଲିକା ୨୦୨୫ର ଶୀର୍ଷ ସ୍ଥାନରେ ରହିଛନ୍ତି ଅପରିବର୍ତ୍ତିତ। ୨୦୧୪ ମସିହାରୁ ଲଗାତର ଭାବେ ନମ୍ବର ୱାନ ସ୍ଥାନ ବଜାୟ ରଖିଛନ୍ତି ପ୍ରଧାନମନ୍ତ୍ରୀ। ମୋଦିଙ୍କ ପଛକୁ ପ୍ରଭାବଶାଳୀ ଭାରତୀୟ ତାଲିକାର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦୁଇଟି ର୍‍ୟାଙ୍କ ଉପରକୁ ଉଠି ବୈଦେଶିକ ବ୍ୟାପାରମନ୍ତ୍ରୀ ଏସ. ଜୟଶଙ୍କର ତୃତୀୟ ସ୍ଥାନ ଦଖଲ କରିଥିବା ବେଳେ ଆରଏସଏସ ସରସଂଘଚାଳକ ମୋହନ ଭାଗବତ ଚତୁର୍ଥ ସର୍ବାଧିକ ପ୍ରଭାବଶାଳୀ ଭାରତୀୟ ଭାବେ ତାଲିକାରେ ସ୍ଥାନ ପାଇଛନ୍ତି। ତାଙ୍କ ପଛକୁ ପଞ୍ଚମ ସ୍ଥାନରେ ଅଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ଡକ୍ଟର ନିର୍ମଳା ସୀତାରମଣ। ଗତ ବର୍ଷ ତୁଳନାରେ ସୀତାରମଣ ୫ଟି ର୍‍ୟାଙ୍କ ଉପରକୁ ଉଠିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୧୧ଟି ର୍‍ୟାଙ୍କ ଉପରକୁ ଉଠି ୨୨ ତମ ସ୍ଥାନ ଦଖଲ କରିବା ସହ ବନିଛନ୍ତି ଦେଶର ସବୁଠାରୁ ପ୍ରଭାବଶାଳୀ ଓଡ଼ିଆ । ମୋଦିଙ୍କ



ମନ୍ତ୍ରିମଣ୍ଡଳରେ ଲଗାତାର ୧୧ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ରହିବା ସହ ଶିକ୍ଷାମନ୍ତ୍ରୀ ଭାବେ ୨୦୨୧ରୁ ତୁଲାଇ ଆସୁଛନ୍ତି ଦାୟିତ୍ୱ। ଜାତୀୟ ଶିକ୍ଷାନୀତି ୨୦୨୦କୁ ଦେଶରେ ଲାଗୁ କରିବାରେ ଧର୍ମେନ୍ଦ୍ରଙ୍କର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ସେହିପରି ଓଡ଼ିଶାରେ ବିଜେପିର ଐତିହାସିକ ବିଜୟ ଏବଂ ନିର୍ବାଚନ ପ୍ରଭାରୀ ଭାବେ ହରିୟାଣାରେ ବିଜେପିକୁ ହ୍ୟାଟ୍ରିକ୍ ବିଜୟ ଦେବାରେ ଧର୍ମେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ତାଙ୍କ ର୍‍ୟାଙ୍କ ଉପରକୁ ନେବାରେ ସହାୟକ ହୋଇଥିବା ଇଣ୍ଡିଆନ ଏକ୍ସପ୍ରେସ ପକ୍ଷରୁ କୁହାଯାଇଛି। ପ୍ରଭାବଶାଳୀ ଭାରତୀୟ ୨୦୨୫ ତାଲିକାରେ ଧର୍ମେନ୍ଦ୍ରଙ୍କ ବ୍ୟତୀତ ସ୍ଥାନ ପାଇଛନ୍ତି ଆଉ ଦୁଇ ଓଡ଼ିଆ। ୪୩ ତମ ର୍‍ୟାଙ୍କରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶକ୍ତିକାନ୍ତ ଦାସ ଥିବା ବେଳେ ପିଏମ୍‌ଙ୍କ ଅନ୍ୟତମ ପ୍ରମୁଖ ସଚିବ ପି.କେ ମିଶ୍ର ୭୮ ତମ ର୍‍ୟାଙ୍କରେ ସ୍ଥାନ ପାଇଛନ୍ତି। ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଭାବଶାଳୀ ଭାରତୀୟ ତାଲିକାର ଅଷ୍ଟମ ର୍‍ୟାଙ୍କରେ ନିଜ ସ୍ଥାନ ପକ୍କା କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ବନିବା ପରେ ରାହୁଲ ଗାନ୍ଧିଙ୍କ ର୍‍ୟାଙ୍କ ଉପରକୁ ଉଠିଛି । ୭ଟି ର୍‍ୟାଙ୍କ ଉପରକୁ ଉଠି ନବମ ସ୍ଥାନରେ ରହିଛନ୍ତି ରାହୁଲ ଗାନ୍ଧି। ତେବେ ଦିଲ୍ଲୀ ହାରିବା ପରେ ଆପ୍ ମୁଖିଆ ଅରବିନ୍ଦ କେଜରୀୱାଲଙ୍କ ର୍‍ୟାଙ୍କରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ୧୮ରୁ ସିଧା ୫୨ ତମ ସ୍ଥାନକୁ ଖସିଆସିଛନ୍ତି ଶ୍ରୀ କେଜରୀୱାଲ ।

# ସବୁ ବସ୍‌ରେ ପାଣି ଓ ବରଫ ପ୍ୟାକେଟ୍ ରହିବ



**କଟକ, ୩୦/୦୩ ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ପ୍ରବାହ ସମୟରେ ଯାତ୍ରୀମାନେ କିପରି ସୁରକ୍ଷିତ ଯାତ୍ରା କରିବେ ତାହା ସୁନିଶ୍ଚିତ କରାଯିବ । ସବୁ ବସ୍‌ରେ ବିଶୁଦ୍ଧ ପାନୀୟ ଜଳ ରଖାଯିବ । ଏଥିସହ ବରଫ ପ୍ୟାକେଟ୍, ପ୍ରାଥମିକ ଚିକିତ୍ସା କିଟ୍ ଏବଂ ଓଆରଏସ୍ ପ୍ୟାକେଟ୍ ମଧ୍ୟ ବସ୍‌ରେ ରହିବ । ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାରି ନିର୍ଦ୍ଦେଶାବଳୀରେ ଏହା ସ୍ପଷ୍ଟ କରାଯାଇଛି । ସେହିପରି ବସ୍ ଷ୍ଟପ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ବିଶ୍ରାମ ସ୍ଥାନ ବ୍ୟବସ୍ଥା କରାଯିବ। ସାର୍ବଜନୀନ ପରିବହନ ଯାନରେ ଯାତ୍ରୀ ସୁରକ୍ଷା ଏବଂ ଆରାମକୁ ଗୁରୁତ୍ୱ ଦିଆଯିବ । ନିର୍ଦ୍ଧାରିତ ସଂଖ୍ୟାର ଅନୁମତିକୁ ଉଲ୍ଲଂଘନ କରି ଅଧିକ ଯାତ୍ରୀ ନେଉଥିବା ଯାନ ବିରୋଧରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଏସ୍‌ଟିଏ ପକ୍ଷରୁ କୁହାଯାଇଛି । ଏନେଇ ଏସ୍‌ଟିଏର ବରିଷ୍ଠ ଅଧିକାରୀ, ସମସ୍ତ ଆରଟିଓ ଏବଂ ଏଆରଟିଓଙ୍କ ସହିତ ବୈଠକ କରିଥିଲେ । ନିଷ୍ପତ୍ତି ହୋଇଥିଲା ଯେ, ଦୂର ଯାତ୍ରୀଙ୍କ ପାଇଁ ରାଜପଥରେ ଜଳ କିଓସ୍କର ସ୍ଥାପନ କରି ପାନୀୟ ଜଳ ଯୋଗାଇ ଦିଆଯିବ । ଓଭରଲୋଡିଂ, ବସ୍ ଛାତ ଉପରେ ବସି ଯାତ୍ରା କରିବା ଏବଂ ଝୁଲନ୍ତା ଅବସ୍ଥାରେ ଯାତ୍ରୀ ନେଉଥିବା ଯାନଠାରୁ ଜରିମାନା ଆଦାୟ କରାଯିବ । ଆରଟିଓ କାର୍ଯ୍ୟାଳୟରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ । ଏଥିସହ ଓଡ଼ିଶାରୁ ଯାତ୍ରୀ ନେଇ ଯାଉଥିବା ବସ୍ ବିରୋଧରେ ଉକ୍ତ ପଦକ୍ଷେପ ନେବାକୁ ଏସ୍‌ଟିଏ ପକ୍ଷରୁ ପଡୋଶୀ ରାଜ୍ୟଗୁଡିକୁ ଅନୁରୋଧ କରାଯାଇଛି। ଏ ଦିଗରେ ବ୍ୟାପକ ସଚେତନତା ପାଇଁ ବସ୍ ଏବଂ ଟ୍ରକ୍ ମାଲିକ ସଂଘ ସହଭାଗିତାରେ ହେଲ୍‌ପଲାଇନ୍ ନମ୍ବର ଯୋଗାଇ ଦିଆଯିବ। ସ୍ଥାନୀୟ ଏନ୍‌ଜିଓଗୁଡିକୁ ବି ସାମିଲ କରାଯିବ । ଆବଶ୍ୟକସ୍ଥଳେ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବାକୁ ଏନ୍‌ଫୋର୍ସମେଣ୍ଟ ଦଳ ସହ ଡାକ୍ତରଙ୍କୁ ପଠାଯିବ । ଏ ସମ୍ବନ୍ଧରେ ସମୀକ୍ଷା ପାଇଁ ନିୟମିତ ବୈଠକ ହେବ । ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଯାତ୍ରୀବାହୀ ଯାନଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯିବ । ପ୍ରତିକୂଳ ପରିସ୍ଥିତି ଏଡ଼ାଇବା ପାଇଁ ଆରଟିଓ, ଏଆରଟିଓ ଜିଲ୍ଲା ପ୍ରଶାସନ ଏବଂ ଏସ୍‌ଟିଏ ସହ ଯୋଗାଯୋଗ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଗ୍ରୀଷ୍ମ ପ୍ରବାହ ସ୍ଥିତି ଓ ମୁକାବିଲା ସଂପର୍କରେ ଜିଲ୍ଲାପାଳଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

# ଗ୍ରୀଷ୍ମ ପ୍ରବାହ ମୁକାବିଲା ଏସ୍‌ଓପି ପାଳନ ପାଇଁ ପରାମର୍ଶ

**ଭୁବନେଶ୍ୱର, ୩୦/୩ ନ୍ୟୁଜ ବ୍ୟୁରୋ**

ଚଳିତ ଗ୍ରୀଷ୍ମ ଋତୁରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କିପରି ପ୍ରସ୍ତୁତି କରାଯାଇଛି ଓ ଏହା ଜାରି ରହିଛି ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ସ୍ଥିତି ସମୀକ୍ଷା କରିଥିଲେ। ୨୦୨୫ ପାଇଁ ଗ୍ରୀଷ୍ମ ପ୍ରବାହର ପ୍ରସ୍ତୁତି, ପ୍ରଶମନ ଏବଂ ପରିଚାଳନା ସମ୍ପର୍କିତ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓ ରଞ୍ଜନ କୁମାର ସିଂ, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ। ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମାର୍ଚ୍ଚ ୧୮ ତାରିଖରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ଓ ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ କି କି ପଦକ୍ଷେପ ନିଆଯାଇଛି, ସେ ସଂପର୍କରେ



ସମୀକ୍ଷା କରାଯାଇଥିଲା। ସ୍ୱତନ୍ତ୍ର ରିଲିଫ କମିଶନର ଶ୍ରୀ ସିଂ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟ ଶାସନ ସଚିବ କହିଥିଲେ ଯେ ଗ୍ରୀଷ୍ମ ମୁକାବିଲା ପାଇଁ ଯେଉଁ ନିର୍ଦ୍ଦେଶ ଦିଆଯାଇଛି, ତାହାର କାର୍ଯ୍ୟକାରିତା ସମ୍ପର୍କରେ ଜିଲ୍ଲାପାଳମାନେ ନିୟମିତ ତଦାରଖ କରନ୍ତୁ। ବିଭିନ୍ନ ଜିଲ୍ଲାରେ ଜଳର ଉପଲବ୍ଧତା ବିଶେଷ କରି ପାନୀୟ ଜଳର ସ୍ଥିତି କିପରି ରହିଛି, ଯେଉଁଠି ପାନୀୟ ଜଳ ସମସ୍ୟା ରହିଛି, ସେଥିପାଇଁ କି କି ପଦକ୍ଷେପ ନିଆଯାଇଛି, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଜିଲ୍ଲାୱାରୀ ସମୀକ୍ଷା କରିଥିଲେ। ପଞ୍ଚାୟତସ୍ତରରୁ ନିୟମିତ ସୂଚନାସଂଗ୍ରହ କରିବାକୁ କୁହାଯାଇଛି। ଜିଲ୍ଲା ସ୍ତରୀୟ ବିଭିନ୍ନ ଅଧିକାରୀମାନଙ୍କୁ ପଞ୍ଚାୟତ ସ୍ତରରେ ଓ ବ୍ଲକ ସ୍ତରରେ ସ୍ଥିତି ଅନୁଧ୍ୟାନ ଏବଂ ଗ୍ରୀଷ୍ମ ପ୍ରବାହ ପରିଚାଳନା ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗିର, ସୁବର୍ଣ୍ଣପୁର, ବରଗଡ଼ ଆଦି ବିଭିନ୍ନ ଜିଲ୍ଲାରେ ପାନୀୟ ଜଳର ସ୍ଥିତି ଏବଂ ଗ୍ରୀଷ୍ମ ମୁକାବିଲା ପରିଚାଳନା ସଂପର୍କରେ ମୁଖ୍ୟ ଶାସନ ସଚିବ ପଚାରି ବୁଝିଥିଲେ। ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ରହିଥିବା ମାର୍ଗଦର୍ଶିକା ବା ଏସଓପିକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗ୍ରୀଷ୍ମ ପରିଚାଳନାକୁ ସଫଳତାର ସହିତ ମୁକାବିଲା କରି ଶୂନ୍ୟ ମୃତାହତ ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲା ଆପାତକାଳୀନ ଅଧିକାରୀମାନେ ଜିଲ୍ଲାର ସ୍ଥିତି ସଂପର୍କରେ ନିୟମିତ ଭାବେ ଜିଲ୍ଲାପାଳଙ୍କୁ ଅବଗତ କରାଇବେ। ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶିକା ମାର୍ଚ୍ଚ ମାସରେ ପାଣିପାଗ ବିଭାଗ ତରଫରୁ କରାଯାଇଥିବା ଗ୍ରୀଷ୍ମ ପ୍ରବାହ ସଂପର୍କିତ ଆକଳନ, ପ୍ରକୃତ ଅନୁଭୂତ ଏବଂ ଆଗାମୀ ଅପ୍ରେଲ ମାସଠାରୁ ଜୁନ ମାସ ପର୍ଯ୍ୟନ୍ତ ଅନୁଭୂତ ହେବାକୁ ଥିବା ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଗ୍ରୀଷ୍ମକାଳୀନ ପାଣିପାଗ ସ୍ଥିତିସଂପର୍କରେ ସମ୍ଭାବ୍ୟ ସ୍ଥିତି ଉପସ୍ଥାପନ କରିଥିଲେ। ବିଭିନ୍ନ ବିଭାଗ ତରଫରୁ ଜିଲ୍ଲାମାନଙ୍କୁ ଗ୍ରୀଷ୍ମ ପ୍ରଭାବ ମୁକାବିଲା ସଂପର୍କରେ ଏସଓପି ପଠାଯାଇଛି। ତେବେ ରାଜ୍ୟ ରିଲିଫ କିମଶନରଙ୍କ ତରଫରୁ ସମସ୍ତ ଏସଓପିକୁ ଏକାଠି କରି ଏକ ସଂକଳନ ପ୍ରସ୍ତୁତି କରିବା ଏବଂ ଏହା ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ପଠାଇବା ସହିତ ଗ୍ରୀଷ୍ମ ମୁକାବିଲା ସମ୍ପର୍କିତ ସୂଚନା ସରବରାହ ପ୍ରକ୍ରିୟାକୁ ଅଧିକ ସମନ୍ୱିତ ଓ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଗଣମାଧ୍ୟମ ଜରିଆରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗ ସମନ୍ୱୟରେ ସଂପୃକ୍ତ ବିଭାଗମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

# ଆଜି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି



**ଭୁବନେଶ୍ୱର, ୩୦/୩ ନ୍ୟୁଜ ବ୍ୟୁରୋ**

ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ। ସରକାରୀ ଛୁଟି ଦିନ ଥିବା ଯୋଗୁ ଏହି ସୋମବାର ଭୁବନେଶ୍ୱର, ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଏସ୍‌ସିବିରେ ଭିତ୍ତିଭୂମି ଓ ସମ୍ପ୍ରସାରଣ କାମ ତଦାରଖ କଲେ ମୁଖ୍ୟ ଶାସନ ସଚିବ

**କଟକ ୩୦ ।୩ ନ୍ୟୁଜ ବ୍ୟୁରୋ**

କଟକ ବଡ ମେଡିକାଲରେ ଭିତ୍ତିଭୂମି ଓ ମେଡିକାଲର ସମ୍ପ୍ରସାରଣ କାମ ତଦାରଖ କରିଛନ୍ତି ମୁଖ୍ୟ ଶାସନ ସଚିବ । ମୁଖ୍ୟ ଶାସନ ସଚିବଙ୍କ ସହ ସ୍ୱାସ୍ଥ୍ୟ ସଚିବ ଓ କେନ୍ଦ୍ରାଞ୍ଚଳ ଆରଡିସି ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ । କଟକ ବଡ ମେଡିକାଲରେ ସର୍ବନିମ୍ନ ଆବଶ୍ୟକ ଭିତ୍ତିଭୂମିର ଅଭାବ ଥିବା ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏହାସହ ଗଣମାଧ୍ୟମରେ ଏସ୍‌ସିବିରେ ଭେଣ୍ଟିଲେଟର ଅଚଳ ନେଇ ଖବର ପ୍ରକାଶ ପାଇଥିଲା । ଏସସିବିରେ



୨୦୨ ଭେଣ୍ଟିଲେଟରରୁ ୮୯ଟି ଖରାପ ରହିଛି । ଏହାସହ ସେଣ୍ଟ୍ରାଲ ଏୟାର କମ୍ପ୍ରେସର ସିଷ୍ଟମ ମଧ୍ୟ ଅଚଳ ରହିଛି, ଯାହା ଫଳରେ ଭେଣ୍ଟିଲେଟର ଗୁଡିକ ଅଚଳ ହେଉଥିବା ଖବର ପ୍ରକାଶ ପାଇଥିଲା । ଏସବୁର ତଦାରଖ ପାଇଁ ରବିବାର ମୁଖ୍ୟ ଶାସନ ସଚିବ ଓ ସ୍ୱାସ୍ଥ୍ୟ ସଚିବ ଏସସିବି ମେଡିକାଲ ପହଞ୍ଚି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା : ଗିରଫ ହେଲେ ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର

**ଭୁବନେଶ୍ୱର,୩୦/୦୩ ନ୍ୟୁଜ ବ୍ୟୁରୋ**

ଓଡବ୍ଲୁଏସ୍‌ଏସ୍‌ବି ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର ଗିରଫ ହୋଇଛନ୍ତି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଶନିବାର ଏକାଧିକ ସ୍ଥାନରେ ଚଢଉ ହୋଇଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଓଡବ୍ଲୁଏସ୍‌ଏସ୍‌ବି (ଓଡ଼ିଶା ଜଳ ଯୋଗାଣ ଏବଂ ସ୍ୱେରେଜ୍ ବୋର୍ଡ) ଆସିଷ୍ଟାଣ୍ଟ ପ୍ରୋଜେକ୍ଟ ମ୍ୟାନେଜର ଦେବାଶିଷ ସାହୁଙ୍କ ଘରେ ଭିଜିଲାନ୍ସ ଚଢଉ ହୋଇଥିଲା । ତାଙ୍କ ଘର ସମେତ ଏକକାଳୀନ ୭ ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା । ଖୋର୍ଦ୍ଧା ଜଟଣୀ ସ୍ଥିତ ଘର, ଭୁବନେଶ୍ୱରର ଆଇଗିଣିଆ ସ୍ଥିତ ଏକ ଭଡ଼ା ଘର, ଜଟଣୀ ସ୍ଥିତ ଦୁଇ ମହଲା ବିଶିଷ୍ଟ ଘର, ଜଟଣୀ ସ୍ଥିତ ଆଉ ଏକ ତିନି ମହଲା ବିଶିଷ୍ଟ ନିର୍ମାଣାଧୀନ ଘର, ବନଦୁର୍ଗା ମାର୍କେଟ କମ୍ପ୍ଲେକ୍ସରେ ଥିବା ଦୁଇଟି ଦୋକାନ, କଟକ ଚୌଦ୍ୱାର ସ୍ଥିତ ସମ୍ପର୍କୀୟଙ୍କ ଘର ଏବଂ ଭୁବନେଶ୍ୱର ସ୍ଥିତ ତାଙ୍କ ଅଫିସ୍‌ରେ ଏକକାଳୀନ ଚଢଉ କରିଥିଲା ଭିଜିଲାନ୍ସ ଟିମ୍। ଏହି ଚଢଉରେ ୨୦୦ ଗ୍ରାମ୍ ସୁନା ଅଳଙ୍କାର ମଧ୍ୟ ଜବତ ହୋଇଥିଲା । ଏହି ଚଢଉରେ ୭ ଡିଏସପି, ୯ ଇନ୍ସପେକ୍ଟର, ୧୦ ଏଏସଆଇ ସାମିଲ ଥିଲେ ।

# ବିଏମ୍‌ସି କାର୍ଯ୍ୟାଳୟକୁ ବର୍ଜ୍ୟ ଶୂନ୍ୟ ପାଇଁ ସଂକଳ୍ପ

**ଭୁବନେଶ୍ୱର ୩୦/୦୩ ନ୍ୟୁଜ ବ୍ୟୁରୋ**

ରବିବାର ବିଶ୍ୱ ଶୂନ୍ୟ ବର୍ଜ୍ୟ ଦିବସ। ଭୁବନେଶ୍ୱର ମହାନଗର ନିଗମ ନିଜସ୍ୱ ମୁଖ୍ୟ କାର୍ଯ୍ୟାଳୟକୁ ଜିରୋ ୱେଷ୍ଟ (ଶୂନ୍ୟ ବର୍ଜ୍ୟ) କରିବା ପାଇଁ ସଂକଳ୍ପ ନେଇଛି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଟିମ୍ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ପ୍ରତି ମହଲା ଏବଂ ଉପବିଭାଗରେ ଜିରୋ ୱେଷ୍ଟ କମିଟି ଗଠନ, ନିୟମିତ ପ୍ରଶିକ୍ଷଣ, ଆତ୍ମ ସମୀକ୍ଷା, ଏକକ ବ୍ୟବହାର ପ୍ଲାଷ୍ଟିକ ବର୍ଜନ, ଖାଦ୍ୟ ନଷ୍ଟକୁ ନା ଏବଂ ପ୍ରତି କର୍ମଚାରୀ ନିଜର ଜିରୋ ୱେଷ୍ଟ ପାସ୍ ବୁକ୍ ନିୟମିତ କରିବା, ପ୍ଲାଷ୍ଟିକ ବଦଳରେ ଷ୍ଟିଲ ବା କାଚ ବୋତଲ ବ୍ୟବହାର କରିବା ଇତ୍ୟାଦି ଅଭ୍ୟାସଗୁଡିକୁ କଡ଼ାକଡ଼ି ଭାବେ ପାଳନ ହେବ । କାର୍ଯ୍ୟାଳୟରୁ ବାହାରୁଥିବା ବିଭିନ୍ନ ଟୁକୁଡ଼ା କାଗଜ ଏବଂ ଅନ୍ୟାନ୍ୟ ଅଦରକାରୀ ପଦାର୍ଥକୁ ଡଷ୍ଟ୍‌ବିନ୍‌ରେ ନ ଫୋପାଡି ତାହାର ପୁନଃଚକ୍ରଣ କରାଯାଉଛି । କେବଳ ବିଏମ୍‌ସି ମୁଖ୍ୟାଳୟ ନୁହେଁ, ଜୋନ୍ ଅଫିସ ଗୁଡ଼ିକୁ ମଧ୍ୟ ଜିରା ୱେଷ୍ଟ କରିବା ପାଇଁ ଯୋଜନା ଆରମ୍ଭ ହୋଇଛି । ଅନ୍ୟାନ୍ୟ କାର୍ଯ୍ୟାଳୟ ଓ ଘରେ ଘରେ ଜିରୋ ୱେଷ୍ଟ ଅଭ୍ୟାସକୁ ଅନୁସରଣ କରିବା ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି ।

# ବାଲିଯାତ୍ରାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପାଇଁ କେନ୍ଦ୍ରକୁ ପଠାଗଲା ଦଲିଲ୍ ଓ ଦସ୍ତାବିଜ୍

**କଟକ,୩୦/୦୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ପ୍ରସିଦ୍ଧ ସାଂସ୍କୃତିକ ଓ ବାଣିଜ୍ୟିକ ମେଳା 'ବାଲିଯାତ୍ରା'କୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ ପ୍ରକ୍ରିୟା ପାଦେ ଆଗେଇଛି । ଦୀର୍ଘ ଦିନ ଧରି ୟୁନେସ୍କୋ ମାନ୍ୟତା ପାଇଁ ହୋଇ ଆସୁଥିବା ଦାବିକୁ ସାକାର କରିବା ଲାଗି ରାଜ୍ୟ ସରକାର ଗୋଟିଏ ପାଦ ଆଗକୁ ବଢାଇଛନ୍ତି । କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଏ ସଂପର୍କିତ ସମସ୍ତ ଦଲିଲ୍, ଦସ୍ତାବିଜ୍‌କୁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ପଠାଯାଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏହି ଦସ୍ତାବିଜ୍ ୟୁନେସ୍କୋକୁ ପଠାଇବ । ପ୍ରକ୍ରିୟା ଆଗେଇବା ପରେ ବାଲିଯାତ୍ରା ବିଶ୍ୱ ଐତିହ୍ୟ ମାନଚିତ୍ରରେ ସ୍ଥାନ ପାଇବାର ଆଶା ପୁଣି ଉଜ୍ଜୀବିତ ହୋଇଛି । ଏସିଆ ମହାଦେଶର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟିକ ମେଳା ଭାବେ ବାଲିଯାତ୍ରାର



ସ୍ଥାନ ସ୍ୱତନ୍ତ୍ର। ଏହି ମେଳାକୁ ୟୁନେସ୍କୋ ମାନ୍ୟତା ଦେବା ଲାଗି ଗତ ଦୁଇ ବର୍ଷ ତଳେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଏବଂ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ରାଜ୍ୟ ସଂସ୍କୃତି ବିଭାଗକୁ ଚିଠି ଲେଖିଥିଲା । ଏଥିପାଇଁ ଆବଶ୍ୟକ ଦସ୍ତାବିଜ୍ ଦାଖଲ ପାଇଁ ମଧ୍ୟ କୁହାଯାଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇ ବାଲିଯାତ୍ରା ସମ୍ପର୍କିତ ବିଭିନ୍ନ ତଥ୍ୟ ସଂଗ୍ରହ କରାଯାଇଥିଲା । ଏଥିପାଇଁ ପ୍ରଶାସନକୁ ବହୁତ କସରତ କରିବାକୁ ପଡ଼ିଥିଲା । ଏବେ ୟୁନେସ୍କୋ ମାନ୍ୟତା ପାଇଁ ଦିଆଯାଇଥିବା ଫର୍ମ ପୂରଣ କରାଯିବା ସହ ଆବଶ୍ୟକ ଡକ୍ୟୁମେଣ୍ଟ, ଭିଡିଓ, ଫଟୋଚିତ୍ର ଆଦି ପଠାଯାଇଛି । ୟୁନେସ୍କୋ ମାନ୍ୟତା ପାଇବା ପାଇଁ ବିଭିନ୍ନ ଅନୁଷ୍ଠାନମାନଙ୍କର 'କନ୍‌ସେଣ୍ଟ' ବା ସମ୍ମତିପତ୍ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ତାହାର ଆବଶ୍ୟକତା ଅଧିକ । ଏଥିରେ ସେସବୁକୁ ସଂଲଗ୍ନ କରାଯାଇଛି । ଜିଲ୍ଲା ତଥା ରାଜ୍ୟର ୭୦ଟି ବିଭିନ୍ନ ବୃହତ ସାଂସ୍କୃତିକ, ବ୍ୟବସାୟିକ, ସାମାଜିକ ଓ ଅର୍ଥନୈତିକ ଅନୁଷ୍ଠାନ ଏହି ସମ୍ମତିପତ୍ର ପ୍ରଦାନ କରିଛନ୍ତି । ଏଥିସହ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ କଟକ ସଦର ବିଧାୟକ ପ୍ରକାଶ ସେଠୀ, ମେୟର ସୁବାସ ସିଂହ ଏଥିପାଇଁ ସମ୍ମତିପତ୍ର ପ୍ରଦାନ କରିଛନ୍ତି । ଏସବୁକୁ ବାଦ୍ ଦେଲେ ବାଲିଯାତ୍ରାର ଲମ୍ବା ଇତିହାସ, ଐତିହ୍ୟ, କେବେ ବାଲିଯାତ୍ରା ଆରମ୍ଭ ହୋଇଥିଲା, ବାଲିଯାତ୍ରା ପଛର କାରଣ, ବାଲିଯାତ୍ରା ଦ୍ୱାରା ଦେଶଦେଶ ଭିତରେ ଥିବା ପୁରୁଣା ସମ୍ପର୍କ ପୁଣି କିପରି ଉଜ୍ଜୀବିତ ହୋଇପାରିଛି, ବାଲିଯାତ୍ରା କିପରି ଓଡ଼ିଶାର ସାଂସ୍କୃତିକ ତଥା ବାଣିଜ୍ୟିକ ପ୍ରାଣକେନ୍ଦ୍ର ପାଲଟିଛି ଏସବୁ ସଂକ୍ରାନ୍ତରେ ମଧ୍ୟ ଦସ୍ତାବିଜରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ କହିଛନ୍ତି । କଟକ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ସମସ୍ତ କାର୍ଯ୍ୟ ହୋଇଥିଲା । ରାଜ୍ୟ ସରକାର ଏଥିପାଇଁ ସବୁପ୍ରକାର ସହାୟତା ଯୋଗାଇ ଦେଇଥିଲେ । ସମସ୍ତ ଡକ୍ୟୁମେଣ୍ଟ ସହ ଭିଡିଓ ଏବଂ ଫଟୋଚିତ୍ର କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ ହୋଇଛି ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ଏଥିରେ ଜାତିସଂଘ ଭାରତର ଜାତୀୟ କାର୍ଯ୍ୟକାରୀ ସଦସ୍ୟ ଡ. ଦ୍ୱୀପାୟନ ପଟ୍ଟନାୟକ ବି ସହଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୧ରେ ପଶ୍ଚିମବଙ୍ଗର ଦୁର୍ଗାପୂଜା, ୨୦୨୩ରେ ଗୁଜରାଟର ଗରବା ନୃତ୍ୟକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଛି। ୨୦୨୪ରେ ମଙ୍ଗୋଲିଆ ଦେଶର ପାର୍ସି ନବବର୍ଷ ଉତ୍ସବକୁ ବି ମାନ୍ୟତା ମିଳିସାରିଛି ।